■ ସ୍ୱାସ୍ଥ୍ୟ ବିଭାଗ ବେପରୁଆ ମନୋଭାବ

# ଏକ୍ସରେ ମେସିନ ନାହିଁ ; ନିଯୁକ୍ତି ପାଇଛନ୍ତି ରେଡିଓଗ୍ରାଫର

**ବଲାଙ୍ଗିର, ୧୬ ।୧୨(ସମିସ)**

ପଦାରେ ପଡ଼ିଲା ରାଜ୍ୟ ସରକାରଙ୍କ ଦୋମୁହାଁ ନୀତି। କିଛିଦିନ ପୂର୍ବରୁ ରାଜ୍ୟରେ ରେଡିଓଗ୍ରାଫରମାନଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଏଥିରେ ବଲାଙ୍ଗିର ଜିଲ୍ଲା ପାଇଁ ନିଯୁକ୍ତି ପାଇଥିବା ପ୍ରାୟ ୧୫ ଜଣ ରେଡିଓଗ୍ରାଫରଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତରଖାନା ବଣ୍ଟନ ମଧ କରାଯାଇଥିବା ଜଣାପଡ଼ିଛି। ତେବେ ସବୁଠାରୁ ହାସ୍ୟାସ୍ପଦ ବିଷୟ ଟି ହେଉଛି ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର, ଭୀମଭୋଇ ମେଡିକାଲ କଲେଜ ଡାକ୍ତରକାନା, ଟିଟିଲାଗଡ଼ ଓ ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନା, କଣ୍ଟାବାଞ୍ଜି ସିଏଚ୍‌ସିକୁ ଛାଡିଦେଲେ ଅନ୍ୟ କୌଣସି ସିଏଚ୍‌ସି ରେ ଏକ୍ସରେ ବିଭାଗ ଏଯାଏଁ ଖୋଲି ନାହିଁ କି ଖୋଲିବା ପାଇଁ ପ୍ରକ୍ରିୟା ମଧ ହୋଇନାହିଁ। ତେବେ ଏହି ନବନିଯୁକ୍ତ ରେଡିଓଗ୍ରାଫରମାନେ କେଉଁଠି କାମ କରିବେ। କାମ କରିବେ ନା ବସି ରହିବେ। ପୋଷ୍ଟିଂ ପାଇଥିବା ସିଏଚ୍‌ସିକୁ ଯିବେ ନା ସମସ୍ତଙ୍କୁ ଅନ୍ୟତ୍ର ନିୟୋଜିତ କରାଯିବ ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ଯେଉଁ ଲକ୍ଷ୍ୟନେଇ ଏହି ନିଯୁକ୍ତି ରାଜ୍ୟ ସରକାର ପ୍ରଦାନ କରିଛନ୍ତି ତାହା ସଫଳ ହେବ ତ!

ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ଚିଠି ଅନୁସାରେ ଉକ୍ତ ରେଡିଓଗ୍ରାଫରମାନଙ୍କୁ ପୋଷ୍ଟିଂ ଅର୍ଡର ପ୍ରଦାନ କରାଯାଇଛି। ଉକ୍ତ ପୋଷ୍ଟିଂ ଅର୍ଡର ଅନୁସାରେ ମହେନ୍ଦ୍ର ପ୍ରଧାନଙ୍କୁ ଖପ୍ରାଖୋଲ ସିଏଚ୍‌ସି, ଗଙ୍ଗାଧର ସାହୁଙ୍କୁ ଚୁଡାପାଲି ସିଏଚସି, ଦିବ୍ୟଦତ୍ତ ଯୋଷୀଙ୍କୁ ଟିଟିଲାଗଡ଼ ଏସ୍‌ଡିଏଚ୍, ଅନନ୍ତ କୁମାର ମଲ୍ଲଙ୍କୁ ଖୋଲାନ ସିଏଚ୍‌ସି, ପ୍ରୀତିରଞ୍ଜନ ସାହୁଙ୍କୁ ତୁରେକେଲା ସିଏଚସି, ଦେବଶ୍ରୀ ମହନ୍ତଙ୍କୁ ବେଲପଡ଼ା ସିଏଚସି, ସାନ୍ତନୁ ରାମଙ୍କୁ ମୁରିବାହାଲ ସିଏଚସି, ସୃଷ୍ଟିଧର ଘୋଷଙ୍କୁ ସିନ୍ଧେକେଲା ସିଏଚସି, ଦୀପ୍ତିରେଖା ବେହେରାଙ୍କୁ କଣ୍ଟାବାଞ୍ଜି ସିଏଚସି, ଭାଗ୍ୟସିନୀ ରଣାଙ୍କୁ ବଲାଙ୍ଗିର ଡିଏଚ୍‌ଏଚ୍, ପୁଷ୍ପକ କୁମ୍ଭାରଙ୍କୁ ଲୋଇସିଂହା ସିଏଚ୍‌ସି, ପ୍ରିୟଦର୍ଶିନୀ ମହାନନ୍ଦଙ୍କୁ ପାଟଣାଗଡ଼ ଏସ୍‌ଡିଏଚ ପାଇଁ ପୋଷ୍ଟିଂ ଅର୍ଡର ପ୍ରଦାନ କରାଯାଇଥିବାବେଳେ ରୋଜାଲିନ ସାହୁ, ନିକିତା ମିଶ୍ର ଓ ପ୍ରିୟଙ୍କା ମହାନନ୍ଦଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ମଧ ନିଯୁକ୍ତି ପ୍ରଦାନ କରାଯାଇଛି। ତେବେ ଏଠି ଆଶ୍ଚର୍ଯ୍ୟଜନକ ବିଷୟ ଟି ହେଉଛି ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା, ଜିଲ୍ଲା ମୁଖ୍ୟ ଡାକ୍ତରଖାନା, ଦୁଇ ଉପଖଣ୍ଡ ଡାକ୍ତରଖାନା ଓ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଛାଡ଼ିଦେଲେ ଅନ୍ୟ ୮ ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ୍ସରେ ମେସିନ ନାହିଁ। କେବଳ ଏତିକି ନୁହଁ ନିକଟ ଭବିଷ୍ୟତରେ ଉକ୍ତ ଡାକ୍ତରଖାନାମାନଙ୍କରେ ଏକ୍ସରେ ବିଭାଗ ଖୋଲିବା ପାଇଁ ମଧ କୌଣସି ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବା ଏକ ସିଏଚ୍‌ସିର ମେଡିକାଲ ଅଫିସର ସୂଚନା ଦେଇଛନ୍ତି। ଏପରିକି ପୋଷ୍ଟିଂ ବିଷୟରେ ତାଙ୍କୁ କୌଣସି ଚିଠି ମଧ ମଳି ନ ଥିବା ସେ କହିଛନ୍ତି। ତେବେ ଏହି ଡାକ୍ତରଖାନାମାନଙ୍କରେ ଏକ୍ସରେ ବ୍ୟବସ୍ଥା ନ ଥାଇ କିଭଳି ପୋଷ୍ଟିଂ ଦିଆଗଲା ନା ଏକ୍ସରେ ବ୍ୟବସ୍ଥା ରହିଥିବା ସରକାରୀ ରିପୋର୍ଟ ରହିଥିବାରୁମାନଙ୍କୁ ନିଯୁକ୍ତି ଦିଆଯାଇଛି ତାହା ସବୁଠାରୁ ବଡ଼ ପ୍ରଶ୍ନ। ଏପରିକି ଏକ୍ସରେ ବ୍ୟବସ୍ଥା ନଥିବା ଉକ୍ତ ଡାକ୍ତରଖାନାରେ ଅସ୍ଥିଶଲ୍ୟ ବିଭାଗର ଡାକ୍ତର ମଧ ଅନେକ ସ୍ଥାନରେ ନାହାନ୍ତି। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏହି ରେଡିଓଗ୍ରାଫରମାନେ କ'ଣ କାମ କରିବେ ଓ କେଉଁଠି କାମ କରିବେ। ଏବିଷୟରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ଶ୍ରୀକାନ୍ତ ସାହୁଙ୍କୁ ପଚାରିବାରୁ ସରକାର ନିଯୁକ୍ତ ପ୍ରଦାନ କରିଛନ୍ତି। ବିଭାଗୀୟ ନିର୍ଦ୍ଦେଶ ଅନୁସାରେ ସମସ୍ତଙ୍କୁ ପୋଷ୍ଟିଂ ଦିଆଯାଇଛି। ଯେଉଁଠି ମେସିନ ନାହିଁ ସେଠାରେ ନିଯୁକ୍ତ ରେଡିଓଗ୍ରାଫରମାନଙ୍କୁ ଅନ୍ୟତ୍ର ନିୟୋଜିତ କରାଯିବ। ଭବିଷ୍ୟତରେ ଯେବେ ମେସିନ ଲାଗିବ ସେମାନେ ସେଠାରେ ଡ୍ୟୁଟି କରିବେ ବୋଲି ସୂଚନା ଦେଇଛନ୍ତି। ପୋଷ୍ଟିଂ ଗୋଟିଏ ସ୍ଥାନରେ ଆଉ କାମ କରିବେ ଆଉ ଗୋଟିଏ ସ୍ଥାନରେ। ଏନେଇ ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଯଦି ରେଡିଓଗ୍ରାଫର ନିଯୁକ୍ତି ଦେଇଛନ୍ତି ସରକାର ତେବେ ଆସନ୍ତା ମାସେ ଭିତରେ ଉକ୍ତ ଡାକ୍ତରଖାନାମାନଙ୍କରେ ଏକ୍ସରେ ମେସିନ ବ୍ୟବସ୍ଥା କରନ୍ତୁ ବୋଲି କହିଛନ୍ତି। ଏଦିଗରେ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି।

**୧୫ ନବନିଯୁକ୍ତଙ୍କ ମଧ୍ୟରୁ ୮ ଦ୍ୱନ୍ଦ୍ୱରେ**

ଜରାସିଂହା ପାକ୍ସରେ ଧାନକ୍ରୟ ଆରମ୍ଭ

# ମିଲର୍ସ ଓ ଚାଷୀଙ୍କ ଭିତରେ ଛିଡୁନି କଟ୍‌ନି ଛଟ୍‌ନି ଦ୍ୱନ୍ଦ୍ୱ



**ଦେଓଗାଁ, ୧୬।୧୨ (ସମିସ):** ବଲାଙ୍ଗିର ଦେଓଗାଁ ବ୍ଲକ ଅଧୀନ ଜରାସିଂହା କୃଷି ସେବା ସମବାୟ ସମିତିରେ ସୋମବାର ଧାନ କ୍ରୟ ଶୁଭାରମ୍ଭ କରାଯାଇଛି। ପାକ୍ସ ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡିଆରସିଏସ୍ ପ୍ରମୋଦ କୁମାର ବରିହା ଯୋଗଦେଇ ଧାନ କ୍ରୟର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଭାବେ ଅତିରିକ୍ତ ତହସିଲ୍‌ଦାର ସୋମକେଶ ନାୟକ, ଆରଏମ୍‌ସିରୁ ଶରତ କୁମାର ମିଶ୍ର, କେନ୍ଦ୍ର ସମବାୟ ବ୍ୟାଙ୍କରୁ ଜ୍ୟୋସ୍ନାମୟୀ ପଧାନ, ସୁପରଭାଇଜର ସଞ୍ଜୀବ ଶତପଥୀ, ଧାନ କ୍ରୟ କମିଟିର ସଦସ୍ୟ ସୁନୀଲ ମେହେର, ପ୍ରଫୁଲ୍ଲ କରନ, ଛବିଳ ସିଞ୍ଚିଦା ପ୍ରମୁଖ ଯୋଗଦେଇ ଥିଲେ। ଏ ଅବସରରେ ବଡ଼ଡୁଙ୍ଗୁରୀପାଲିର ଚାଷୀ ପ୍ରେମରାଜ ମେହେର, ଉଡାରର ଚାଷୀ ରାମକୃଷ୍ଣ ସାହୁ, ଜରାସିଂହାର ଚାଷୀ ସାଧୁ ବଘାର, ବରକାନୀର ସନ୍ୟାସୀ ମେହେର, ଚନ୍ଦ୍ରପୁରର ବସନ୍ତ ଭୁଏ ଓ ସାଲେପାଲିର ଦେବବ୍ରତ ସାମଲଙ୍କଠାରୁ ୨୪୯ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ତୀର୍ଥରାଜ ସାହୁ, ସହସମ୍ପାଦକ ନୀଳକଣ୍ଠ ନାଏକ, ଡାଟା ଏଣ୍ଟ୍ରି ଅପେରେଟର ସହଯୋଗ କରିଥିଲେ। ସେହିପରି ବ୍ଲକର ଅନ୍ୟ ପାକ୍ସଗୁଡିକରେ ଚାଷୀ ଧାନବିକ୍ରି କରିବାପାଇଁ ନେଇଥିବାବେଳେ ଅଦ୍ୟାବଧି କୌଣସି ପାକ୍ସରୁ ଧାନ କିଣାଯାଇ ପାରି ନାହିଁ। ଚାଷୀଙ୍କ କହିବାନୁସାରେ ଏଫଏକ୍ୟୁ ମାନର ଧାନ ଆସୁ ନ ଥିବା ଦର୍ଶାଇ କଟନୀ ଛଟନୀ ସମସ୍ୟା ଛିଣ୍ଡୁ ନ ଥିବାରୁ ପାକ୍ସ ଧାନକ୍ରୟ କରୁ ନ ଥିବା ଶୁଣିବାକୁ ମିଳୁଛି। ଫଳରେ ଏଯାଏ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇପାରି ନାହିଁ। ରାଜ୍ୟ ସରକାର କଟନୀ ଛନଟୀକୁ ନେଇ ନିଷିଦ୍ଧ ଘୋଷଣା କରିଥିବାବେଳେ କଟନୀ ଛଟନୀକୁ ନେଇ ଦ୍ୱନ୍ଦ ଲାଗିରହିଛି। ଫଳରେ ଚାଷୀ ହନ୍ତସନ୍ତ ହେଉଥିବା ସାଧାରଣରେ ଆଲୋଚନା ହେଉଛି। ଏଣୁ ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବୀ ହେଉଛି।

# କ୍ରସର ମିଲ୍ ସ୍ଥାପନକୁ ବିରୋଧ, ପ୍ରଶାସନର ଦ୍ୱାରସ୍ଥ ଗ୍ରାମବାସୀ

**ବଲାଙ୍ଗିର, ୧୬।୧୨(ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁତଳା ବ୍ଲକ ଅଧୀନ ପଥର୍ଲା ପଞ୍ଚାୟତର ତଲଗଛ ଗ୍ରାମରେ କ୍ରସର ମିଲ୍ ସ୍ଥାପନକୁ ବିରୋଧ କରି ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ। ବଲାଙ୍ଗିର ଉପ ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ ତଲଗଛ ଗ୍ରାମରେ ଥିବା ଗୋଚର ଭୂଇଁରେ ଏକ କ୍ରସର ସ୍ଥାପନ କରିବାକୁ ଜମେ ବ୍ୟକ୍ତି ଆବେଦନ କରିଥିବା ଗ୍ରାମବାସୀ ଜାଣିବାକୁ ପାଇଛନ୍ତି। ଉକ୍ତ ଜମିରେ ଗ୍ରାମର ଗୃହପାଳିତ ପଶୁ ନିର୍ଭରଶୀଳ। ଯଦି ଏଠାରେ କ୍ରସର ମିଲ ସ୍ଥାପନ ହୁଏ ତେବେ ପଶୁମାନେ ତାଙ୍କର ଚାରଣ ଭୂଇଁ ହରାଇବେ। ଏହା ସହିତ ଗ୍ରାମର ଚାଷ ପ୍ରଭାବିତ ହେବ। ପରିବେଶ ଦୂଷିତ ହେବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଏଣୁ ତାଙ୍କର ଗ୍ରାମରେ କ୍ରସର ସ୍ଥାପନକୁ ସେମାନେ ବିରୋଧ କରୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।



# ନିଃଶୁଳ୍କ ଦନ୍ତ ପରୀକ୍ଷଣ ଶିବିର



**କଣ୍ଟାବାଞ୍ଜି, ୧୬ ।୧୨(ସମିସ):** ସୋମବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କଣ୍ଟାବାଞ୍ଜିଠାରେ ଏକ ଦନ୍ତ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଡା.ସଚିନ ମେହେର, ଡା. ଶ୍ୱେତା ସାହୁ, ଡ.ପ୍ରିୟା ସୋନି ଉପସ୍ଥିତ ରହି ଛାତ୍ରଛାତ୍ରୀ ଗୁରୁଜୀଗୁରୁମା ଓ ଅଭିଭାବକ, ଅଭିଭାବିକା ସମସ୍ତଙ୍କର ଦନ୍ତ ପରୀକ୍ଷଣ କରି ନିଃଶୁଳ୍କ ଚିକିତ୍ସା କରାଯାଇଥିଲା। ଏହି ଶିବିରଟି ସକାଳ ୧୦.ଟାରେ ବନ୍ଦନା କାଳିଶରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି କୁଞ୍ଜବିହାରୀ ବେହେରା, ସମ୍ପାଦକ ଯୁବରାଜ ମେହେର, ସଦସ୍ୟା ବିମଳା ନାଗ, ପ୍ରଧାନାଚାର୍ଯ୍ୟ ତେଜୁ କୁମାର ସାହୁଙ୍କ ଉପସ୍ଥିତରେ ଦନ୍ତ ନିରୀକ୍ଷଣ କରାଯାଇଥିଲା। ଏହି ଶିବିରରେ ୫୦୦ ଛାତ୍ରଛାତ୍ରୀଙ୍କର ଦନ୍ତ ପରୀକ୍ଷଣ କରାଯାଇଥିଲା।

# ବିଜୁ ଛାତ୍ର ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନ

**ବଲାଙ୍ଗିର, ୧୬ ।୧୨(ସମିସ):** ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବିଜୁ ଛାତ୍ର ଜନତା ଦଳ ବିଭିନ୍ନ ଜିଲ୍ଲାର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଠାରେ ତାର ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିଛି। ସେହି କ୍ରମରେ ବଲାଙ୍ଗିର ଜିଲ୍ଲା ଛାତ୍ର ବିଜେଡି ପକ୍ଷରୁ ସୋମବାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଏବଂ ବଲାଙ୍ଗିର ମହାବିଦ୍ୟାଳୟ ଠାରେ ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ସାଧାରଣ ସମ୍ପାଦକ ରକି ଦାସ, ରାଜ୍ୟ ସାଧାରଣ ସମ୍ପାଦକ ଅମିୟ ରଞ୍ଜନ ଦାସ, ବଲାଙ୍ଗିର ଜିଲ୍ଲା ଛାତ୍ର ବିଜେଡି ସଭାପତି ସୁମନ କୁମାର ନନ୍ଦ ବିଜୁ ଛାତ୍ର ଜନତା ଦଳ କ୍ୟାମ୍ପସ କମିଟିର ସଭାପତି ଟିକେଶ୍ୱର୍ ପୋଢ, ମନୀଷ ସା, ରୋଷନ ସାହୁ, ସୁମିତ ଭୋଇ, ରଞ୍ଜନ ଧାରୁଆ, ଦୀପକ ବେହେରା, ଆର୍ଯ୍ୟାନ୍ ରାଜ ପଟେଲ, ଶୋଭିତ, କଶ୍ୟପ ପିନୁ ଆଦି ବିଜୁ ଛାତ୍ର ଜନତା ଦଳ ର ପ୍ରମୁଖ ଉପସ୍ଥିତ ଥିଲେ।

# ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭାର ବୈଠକ

**ପାଟଣାଗଡ଼, ୧୬ ।୧୨(ସମିସ):** ପାଟଣାଗଡ଼ ବ୍ଲକ ଅଧୀନ ଘସିଏନ୍‌ଠାରେ ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ଜିଲ୍ଲା ଆୟୋଜନ ସମିତି ବଲାଙ୍ଗିରର ସମୀକ୍ଷା ବୈଠକ ଜିଲ୍ଲା ସଭାପତି ଶ୍ୟାମସୁନ୍ଦର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସଭ୍ୟ ପବିତ୍ର ଧରୁଆ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହାସଚିବ ରାମଚନ୍ଦ୍ର ଧରୁଆ, ଜିଏସ୍‌ୟୁ ରାଜ୍ୟ ସଭାପତି ସୁବ୍ରତ କୁଅଁର, ଜିଏସ୍‌ୟୁ ଜିଲ୍ଲା ସଭାପତି ଲଳିତ ମୋହନ ପୁଟା, ମକୁନ୍ଦ ଧରୁଆ, ଉପସଭାପତି କାମରାଜ ମଲ୍ଲିକ, କୋଷାଧକ୍ଷ ଦେବରାଜ ଭୋଇ, ଜିଲ୍ଲା ଉପଦେଷ୍ଟା କେଶରୀ କୁଅଁର, ଜିଲ୍ଲା ସଭ୍ୟ ପ୍ରିତିଚନ୍ଦ୍ର ରାଏ, କରୁଣାକର ଧରୁଆ, ବ୍ଲକ ସଭାପତି ଭୁବନେଶ୍ୱର କୁଅଁର, ଭୁବନେଶ୍ୱର ଧରୁଆ, ଦଶରଥ ଛତ୍ରିଆ, ସୁରଥ ମଲ୍ଲିକ, ସମ୍ପତି ମାଝୀ, ପୂର୍ଣ୍ଣଚନ୍ଦ୍ର ଭୋଇ, ଦୁର୍ଯ୍ୟୋଧନ ଭୋଇ, ପ୍ରଦୀପ ଧରୁଆ, ଲେକ୍ସୁ ଧରୁଆ, ସହଦେବ ଧରୁଆ, ସୁବାସ ଧରୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଭାପତି ଶ୍ୟାସୁନ୍ଦର ଭୋଇ ଗୋଣ୍ଡୱାନା ସପ୍ତରଙ୍ଗୀ ପତାକା ଉତ୍ତୋଳନ କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଗୋଣ୍ଡୱାନା ଛାତ୍ର ସଂଗଠନ ଦ୍ୱାରା ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଯୁବ ସାମ୍ବାଦିକ ଲଳିତ ମଲ୍ଲିକ, ଜଗନ୍ନାଥ ଧରୁଆ ଏବଂ ଜିଲ୍ଲା ସଭ୍ୟ ଶିଶିର ଧରୁଆଙ୍କୁ ସମ୍ମାନିତ କରାଯାଇଥିଲା। ଦାଶରଥୀ ଭୋଇ ଓ ଟିକେଲାଲ ଧରୁଆ ମଞ୍ଚ ପରିଚଳନା କରିଥିବା ବେଳେ ଘସିଏନ ସମ୍ପାଦକ କେଶବ ଗଡ଼ତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ।



# ଦେଓଗାଁ ଯୁକ୍ତଦୁଇ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ



**ଦେଓଗାଁ, ୧୬।୧୨ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ପଞ୍ଚାୟତ ସମିତି ଯୁକ୍ତ ଦୁଇ କଲେଜର ଦୁଇ ଦିନ ଧରି ହେବାକୁ ଥିବା ୩୪ ତମ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ ହୋଇଛି। କଲେଜର ଅଧକ୍ଷ ଉପମନ୍ୟୁ ବାଗଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନିନା ଛତ୍ରିଆ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ମୀନା କୁମାର ସା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କଲେଜର ଛାତ୍ରଛାତ୍ରୀ ପ୍ରଥମ ଦିବସରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। ଖେଳକୁ କ୍ରୀଡ଼ା ଶିକ୍ଷକ ଗିରିଗୋବର୍ଦ୍ଧନ ବିଶ୍ୱାଳ ପରିଚାଳନା କରିଥିବାବେଳେ ଅର୍ଥନୀତ ଅଧାପକ ତଥା କ୍ରୀଡ଼ା ଅଧିକାରୀ ସନ୍ତୋଷ କୁମାର ଜାନୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧମିକ ବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା ଏବଂ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

ପ୍ରହସନ ପାଲଟିଛି ଶୂନ୍ୟ କଟ୍‌ନି ଅଭିଯାନ

# ପିପିର୍ଡ଼ା ଓ ସାଉଁନ୍ତପୁର ପାକ୍ସରେ କଟ୍‌ନି ଅଭିଯୋଗ

**ବଲାଙ୍ଗିର, ୧୬ ।୧୨(ସମିସ)**

ବଲାଙ୍ଗିର ଜିଲ୍ଲାରେ ପ୍ରହସନ ସାଜିଛି ରାଜ୍ୟ ସରକାରଙ୍କ ଶୂନ୍ୟ କଟ୍‌ନୀ ଛଟ୍‌ନୀ ଅଭିଯାନ। ଧାନକିଣା ପାଇଁ ଯାହା କିଛି ବ୍ୟବସ୍ଥା କରିଥିଲେ ମଧ ଜିଲ୍ଲାର ବିଭିନ୍ନ ମଣ୍ଡିରେ ଚାଷୀମାନଙ୍କ ପାଖରୁ କ୍ୱିଣ୍ଟାଲ ପିଛା ୩ ରୁ ୫ କେଜି ପର୍ଯ୍ୟନ୍ତ କଟନୀ ହେଉଥିବା ଦେଖିବାକୁ ମିଳିଛି। ଯାହାର ଉଦାହରଣ ହେଉଛି ପୁଇଁନ୍ତଲା ବ୍ଲକରେ ଥିବା ସାଉନ୍ତପୁର ଓ ପିପିର୍ଡା ପ୍ରାଥମିକ ସମବାୟ ସମିତି। ଏହି ପାକ୍ସରେ କାର୍ଯ୍ୟରତ ଥିବା ସମ୍ପାଦକ ଓ ଅନ୍ୟକର୍ମଚାରୀମାନେ ନିଜେ କଟ୍‌ନୀ ଅଭିଯୋକୁ ସ୍ୱୀକାର କରିଛନ୍ତି। ଚାଷୀମାନେ ମଧ କଟ୍‌ନୀ ଚାଲିଥିବା ଅଭିଯୋଗ କରିଛନ୍ତି।

ବଲାଙ୍ଗିର ଜିଲ୍ଲା ସାଉନ୍ତପୁର ଓ ପିପିର୍ଡା ପ୍ରାଥମିକ ସମବାୟ ସମିତିରେ ସୋମବାର ଧାନକିଣା ଆରମ୍ଭ ହୋଇଛି। ଏହି ଦୁଇ ପାକ୍ସରେ ଆରମ୍ଭ ରୁ ହିଁ କଟନୀ ଛଟନୀ ଅଭିଯୋଗ ହୋଇଛି। ପିପିର୍ଡା ପାକ୍ସରେ ପ୍ରଥମ ଦିନରେ ଧାନ ବିକିଥିବା ଚାଷୀ ମାନଙ୍କ କହିବା ଅନୁସାରେ ବ୍ୟକ୍ତିଗତ ଆଲୋଚନା ମାଧ୍ୟମରେ କ୍ୱିଣ୍ଟାଲ ପ୍ରତି ୩ ରୁ ୪ କେଜି କଟାଯାଇଥିବା କହିଛନ୍ତି। ଏହାକୁ ଉକ୍ତ ପାକ୍ସ ଡାଟାଏଣ୍ଟ୍ରି ଅପରେଟର ଅରୁଣ ଜେନା ମଧ ସ୍ୱୀକାର କରିଥିଲେ। ଚାଷୀମାନେ ନିଜେ କଟନୀ ପାଇଁ ହଁ କହିଲେ ଆମେ କ'ଣ କରିବୁ ବୋଲି ପ୍ରତିକ୍ରୀୟାରେ କହିଥିଲେ। ସେହିପରି ପିପିର୍ଡା ନିକଟରେ ଥିବା ସାଉଁନ୍ତପୁର ପାକ୍ସରେ ମଧ ସମାନ ଅଭିଯୋଗ ସାମ୍ନାକୁ ଆସିଛି। ଉକ୍ତ ପାକ୍ସରେ ସୋମବାର ଧାନକିଣା ଆରମ୍ଭ ହୋଇଥିବା ବେଳେ ଏହି ପାକ୍ସରେ ମଧ ଚାରିରୁ ପାଞ୍ଚ କେଜି ଧାନ କଟନୀ କରାଯାଉଥିବା ଜଣାପଡ଼ିଥିଲା। ଏନେଇ ସାଉଁନ୍ତପୁର ପାକ୍ସ ସମ୍ପାଦକଙ୍କୁ ପଚାରିବାରୁ ଚାଷୀ ମାନେ ନିଜ ଧାନ ର ମାନ ଯାଞ୍ଚ କରିବାକୁ ଚାହୁଁନାହାନ୍ତି। ପରୀକ୍ଷା ପାଇଁ କହିଲେ ସେମାନେ ଧାନ ଆଣୁନାହାନ୍ତି। ଯେଉଁ କିଛି ଚାଷୀ ମଣ୍ଡିକୁ ଆସୁଛନ୍ତି ସେମାନଙ୍କୁ ଆମେ କଟନୀ ପାଇଁ ମନା କରୁଛୁ। ଧାନର ମାନ ପରୀକ୍ଷା କରୁଛୁ। ପରୀକ୍ଷା କରିବା ପରେ ଚାଷୀ ମାନଙ୍କୁ କଟନୀ ପାଇଁ କୁହାଯାଉଛି ନଚେତ ଧାନ ସଫା କରି ଆଣିବା ପାଇଁ କହୁଥିବା ସମ୍ପାଦକ ଶ୍ରୀ ଭୋଇ କହିଛନ୍ତି। ଜିଲ୍ଲାର ଏହି ଦୁଇ ମଣ୍ଡି କେବଳ ଉଦାହରଣ ମାତ୍ର। ଏହିଭଳି ଭାବେ ଧାନର ମାନ, ଧାନର ଆଦ୍ରତା ଓ ଧାନ ଆନାଲାଇଜ ବାହାନାରେ ଚାଷୀ ।ନଙ୍କ ଉପରେ ମଣ୍ଡି ଅଧିକାରୀମାନେ ଚାପ ପ୍ରୟୋଗ କରୁଥିବା ଅଭିଯୋଗ ହୋଇଛି। ଧାନ ରଖିଲେ ଅସୁବିଧା ଧାନ ବିକିଲେ ଅସୁବିଧା ତେବେ ଚାଷୀ କରିବ କଣ! ବାଧ ହୋଇ ମଣ୍ଡି କୁ ଯାଇ କଟନୀ ଛଟନୀ ସତ୍ୱେ ଧାନ ମଣ୍ଡିରେ ବିକିବାକୁ ବାଧ ହେଉଥିବା ଚାଷୀ ମାନେ ସ୍ୱୀକାର କରିଛନ୍ତି। ଅନ୍ୟପଟେ ଜିଲ୍ଲାର ମଣ୍ଡି ମାନଙ୍କରେ ପଲିଥିନ ବସ୍ତା ଧାନ ମିଲର୍ସ ନେଉ ନ ଥିବାବେଳେ ପାକ୍ସ ପକ୍ଷରୁ ଅଖା ବସ୍ତା ଦିଆଯାଉଛି। ଯାହାକି ଅତ୍ୟନ୍ତ ନିମ୍ନମାନର ହେଉଥିବାରୁ ନିହାତି ଭାବେ ତାଙ୍କ ଧାନ କ୍ଷତି ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବହୁ ଚାଷୀ ନିଜେ ପଲିଥିନ ବସ୍ତା କିଣି ସେଥିରେ ଧାନ ରଖିଛନ୍ତି। ସେହି ବସ୍ତାରେ ମଣ୍ଡିମାନଙ୍କରେ ଗ୍ରହଣ କରିବାକୁ ମନା କରିଦେଇଥିବାରୁ ବାଧ ହୋଇ ପୁଣି ଶ୍ରମିକ ଲଗାଇ ସେହି ଧାନକୁ ଅଖାବସ୍ତାରେ ଭରୁଛନ୍ତି। ଏହି ସମୟରେ ନିହାତି ଭାବେ ଧାନରେ ମିଶ୍ରଣ ହେବା ସ୍ୱାଭାବିକ ବିଷୟ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଗୋଟିଏ ପଟେ ରାଜ୍ୟ ସରକାର ଶୂନ୍ୟ କଟନୀଛଟନୀ ଅଭିଯାନ ଚାଲଇଥିବାବେଳେ ଅନ୍ୟପଟେ ସରକାରୀ ନିୟମକାନୁନ ଦେଖାଇ ବଲାଙ୍ଗିର ଜିଲ୍ଲାରେ କଟନୀ ଛଟନୀ ଜାରି ରହିଛି। ଯାହାର ଉଦାହରଣ ପୁଇଁନ୍ତଲା ବ୍ଲକର ଏହି ଦୁଇ ପାକ୍ସ। ତେବେ ସରକାର ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି।



# କୁତୁର୍ଲା କଲେଜରେ ବିଜୟ ଦିବସ ପାଳିତ




**ଦେଓଗାଁ, ୧୬।୧୨(ସମିସ):** ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅଧୀନସ୍ଥ କୁତୁର୍ଲା ଧ୍ରୁବା ଆନନ୍ଦ ଉଚ୍ଚ ମାଧମିକ ବିଦ୍ୟାଳୟରେ ବଲାଙ୍ଗିର ନେହରୁ ଯୁବକେନ୍ଦ୍ର ତଥା କୋଶଳୀ ଲୋକନୃତ୍ୟ ଏକାଡେମୀ ମିଳିତ ସହଯୋଗରେ ବିଜୟ ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରମୋଦ କୁମାର ବଡ଼ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କୋଶଳୀ ଲୋକନୃତ୍ୟ ଅନୁଷ୍ଠାନର ସମ୍ପାଦକ ଧରଣୀଧର ନାଏକ ଓ ମୁଖ୍ୟବକ୍ତା ଭାବେ ରାଜନୀତି ବିଜ୍ଞାନ ଅଧାପକ ବଳରାମ ପଧାନ ଓ ଇଂରାଜୀ ଅଧାପକ ମଙ୍ଗଳ ସାହୁ ପ୍ରମୁଖ ଯୋଗଦେଇ ବିଜୟ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଏପରିପେକ୍ଷୀରେ ଛାତ୍ରଛାତ୍ରୀଙ୍କୁ ବିଜୟ ଦିବସ ସମ୍ପର୍କିତ ପ୍ରାମାଣିକ ଚିତ୍ର ଦେଖା ଯାଇଥିଲା। କ୍ରୀଡ଼ା ଶିକ୍ଷକ ସରୋଜ କୁମାର ନାୟକ ଧନ୍ୟବାଦ ଦେଇଥିବାବେଳେ କଲେଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଖଗେଶ୍ୱର ସାଇଁ

ଗ୍ରାମ: ସରସଦା, ଇଞ୍ଜାରିପୋଖରି, ଉତ୍କଳ
ଆବିର୍ଭାବ: ୦୩.୧୧.୧୯୫୦
ତିରୋଧାନ: ୦୭.୧୨.୨୦୨୪

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ। ଆପଣଙ୍କ ଆଶୀର୍ବାଦ ଆମମାନଙ୍କ ସାଥୀରେ ସର୍ବଦା ରହିଥାଉ।

ଶୋକସନ୍ତପ୍ତ: ପତ୍ନୀ- ଶାନ୍ତିଲତା, ଭାଇ- ରମେଶ, ପ୍ରଭାକର, ଗୁଣାକର, ନିରାକାର, ସୁଧାକର, ପୁତ୍ର- ଦୀପକ, ତପନ, ଶାରୋଦ, ପୁତ୍ରବଧୂ- ମୋନାଲି, ଜୟଶ୍ରୀ, ଭକ୍ତିନୈବେଦ୍ୟ, ଝିଅ/ ଜ୍ୱାଇଁ - ଜ୍ୟୋତିପ୍ରକାଶ, ସୁସ୍ମିତା, ପ୍ରତିଭା/ ନିଆତୀ- ବିପିନ, ଆଲୋକ, ଆକାଶ, ଦେବାଶିଷ, ସୁଜିତ, ଅଜିତ୍, ସୁଲଗ୍ନ, ସୁଜାତା, କିରଣ, ସୁଚିସ୍ମିତା, ସୁହାନା, ମୋନାଲିସା, ଗୀତାଞ୍ଜଳି, ନାତି ନାତୁଣୀ -ଲକ୍ଷ୍ମୀ ଲାବଣ୍ୟା, ମଗ୍ନ ମହାର, ପ୍ରିୟାଲ, ରେୟାଂଶୁ, ଟି କମଲ୍ଲୀ, ରେୟାଂଶୁ

## ମଦନପୁର ରାମପୁରରେ ଜନଶୁଣାଣି

# ଲୋକଙ୍କ ଆପତ୍ତି ଶୁଣିଲେ ଜିଲ୍ଲାପାଳ

**ଭବାନୀପାଟଣା, ୧୬ ।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁରରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୪୬ଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା । ସେଥିମଧ୍ୟରୁ ୨୫ଟି ବ୍ୟକ୍ତିଗତ ଓ ୨୧ଟି ସାମୂହିକ ଅଭିଯୋଗ ଆସିଥିଲା । ଏଥିରୁ ୧୦ଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଶିବିରରେ ଘରଡିହ, ଭତ୍ତା, ପାନୀୟଜଳ, ଜମିବିବାଦ, ମଣ୍ଡିରେ ଧାନ ବିକ୍ରି, ରାଶନ କାର୍ଡ, ସୁଭଦ୍ରା ଯୋଜନା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ସାମାଜିକ ସୁରକ୍ଷା, ପୂର୍ତ୍ତ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ତହସିଲ, ବ୍ଲକ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଆପତ୍ତି ଅଭିଯୋଗର ଶୁଣାଣି ହୋଇଥିଲା । ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ ପରିଡ଼ା, କେସିଙ୍ଗା ଉପ ଆରକ୍ଷୀ ଅଧିକ୍ଷକ ଅଜୟ ଦାସ, ମ. ରାମପୁର ବିଡିଓ ସବ୍ୟସାଚୀ ବେହେରା, ମ. ରାମପୁର ତହସିଲଦାର ସୁଧାକର ରଉତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଚେତା ପାଣି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ ପରିଡ଼ା, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ପବିତ୍ର ସାହୁ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ଅବକାରୀ ଅଧିକ୍ଷକ ସରୋଜ ନାଏକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାଏ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।



## ଚହକା ପଞ୍ଚାୟତରେ ୩୩୯ ଅଭିଯୋଗର ଶୁଣାଣି



**ଧର୍ମଗଡ଼, ୧୬ ।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚହକା ପଞ୍ଚାୟତ ପ୍ରକୋଷ୍ଠରେ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ସମୁଦାୟ ୩୩୯ଜଣ ନିଜ ନିଜ ଅଭିଯୋଗ ପଞ୍ଜିକରଣ କରିଥିଲେ । ପ୍ରାୟ ୯୮ଜଣଙ୍କ ସମସ୍ୟାର ସମାଧାନ ତୁରନ୍ତ ସମାଧାନ କରାଯାଇଥିଲା । ଅଭିଯୋଗ ମଧ୍ୟରୁ ୨୦୪ଜଣ କେବଳ ଆବାସ ଯୋଜନା ଉପରେ ଅଭିଯୋଗ କରିଥିଲେ । ମନରେଗା ଉପରେ ୮୧ଟି ଅଭିଯୋଗ ଆସିଥିଲା । ପିଡିଏସ ବାବଦକୁ ୧୦ଟି ଅଭିଯୋଗ ପଡ଼ିଥିବାବେଳେ ପେନସନ ବାବଦରେ ୨୮ଟି ଅଭିଯୋଗ ହୋଇଥିଲା । ତହସିଲ ସମ୍ବନ୍ଧୀୟ ୧୨ଟି ଅଭିଯୋଗ ଆସିଥିବାବେଳେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସମ୍ବନ୍ଧୀୟ ୪ଟି ଅଭିଯୋଗ ଆସିଥିଲା ।

ଏହି କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡ଼ିଓ ଶ୍ରୀଧର ପଣ୍ଡା, ଗୋଲାମୁଣ୍ଡା ତହସିଲଦାର ଚନ୍ଦନ ନାୟକ, ସିଡିପିଓ କେ ଉଷା ଲକ୍ଷ୍ମୀ, ଏବିଇଓ ଲିନା ଦାଶ, କନିଷ୍ଠ ଯନ୍ତ୍ରୀ ରେଙ୍ଗୋ ନାଏକ, ଚହକା ସରପଞ୍ଚ ହେମବନ୍ତି ତାଣ୍ଡି, କନିଷ୍ଠ କିରାଣି ନନ୍ଦିନୀ ଶବର, ପିଇଓ ଗିରିଶ ଶବର, ଜିଆରଏସ ସୂର୍ଯ୍ୟ ବାଗ, ରୂପେଶ ବେମାଲ ଓ ସୁନିଲ ରାଉତଙ୍କ ସମେତ ଅନେକ ପଦାଧିକାରୀ ଉପସ୍ଥିତ ଥିଲେ ।

## ‘ଫରେଷ୍ଟ ଅଫ୍ ଫେଥ’ କବିତା ସଂକଳନ ଉନ୍ମୋଚିତ



**ନୂଆପଡ଼ା, ୧୬।୧୨(ସମିସ):** ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ନୂଆପଡ଼ାର ଆଗଧାଡ଼ିର କବି ପ୍ରବୋଧ ହୋତାଙ୍କ ଇଂରାଜୀ କବିତା ସଂକଳନ ‘ଫରେଷ୍ଟ ଅଫ ଫେଥ’ ଉନ୍ମୋଚିତ ହୋଇଯାଇଛି । ଏହି ଅନାବରଣ କାର୍ଯ୍ୟକ୍ରମରେ ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ଅମର ପଟ୍ଟନାୟକ, କଂଗ୍ରେସ ନେତା ସୁରରାଉତ ରାୟ, ଏକାମ୍ର ବିଧାୟକ ବାବୁ ସିଂ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଆଇନଜୀବୀ ପରମାନନ୍ଦ ଜ୍ୟୋତିଷ ଓ ମନୋରଞ୍ଜନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ସଂକଳନରେ ପ୍ରକୃତି, ପ୍ରେମ, ଜୀବନ ସଂଘର୍ଷ ଓ ଗଭୀର ଜୀବନ ଦର୍ଶନ ସମ୍ବନ୍ଧିତ ୩୪ଟି କବିତା ରହିଛି । ଏହା ନିହାତି ଭାବେ ଜନାଦୃତ ହେବବୋଲି ଅତିଥିମାନେ ମତପୋଷଣ କରିଥିଲେ ।

# ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

**ନୂଆପଡ଼ା, ୧୬।୧୨(ସମିସ):** ନୂଆପଡ଼ା ଜିଲ୍ଲା ତରବୋଡ଼ ନବୋଦୟ ବିଦ୍ୟାଳୟରେ ଅଧକ୍ଷ, ଶିକ୍ଷକଶିକ୍ଷୟିତ୍ରୀଙ୍କ ମିଳିତ ଉଦ୍ୟମରେ ଚଳିତ ବର୍ଷର ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ନୂଆପଡ଼ା ଏସ୍‌ପି ଜି.ଆର. ରାଘବେନ୍ଦ୍ର, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଡେପୁଟି କଲେକ୍ଟର ଆଲୋକ ଅନୁଗୁଳିଆ, ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ । ମୁଖ୍ୟବକ୍ତା ଭାବେ ଡିଏଭି କଲେଜର ପୂର୍ବତନ ଅଧକ୍ଷ ଡ. ଶିବପ୍ରସାଦ ବେହେରା, ସଭାପତି ଭାବେ ତରବୋଡ ନବୋଦୟର ଅଧକ୍ଷ ଭେଙ୍କଟରମଣ ମଞ୍ଚାସୀନ ଥିଲେ । ନବୋଦୟର ପୂର୍ବତନ ଛାତ୍ର ସଂସଦ (ଆଣ୍ଟ) ସଭାପତି ଜିତେନ୍ଦ୍ର ନାୟକ ଅତିଥିଙ୍କ ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ । ଆଣ୍ଟ ତରଫରୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଗଲା । ପରେ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ତରବୋଡ଼ ନବୋଦୟରୁ ୨୦୦୪ରେ ଯୁକ୍ତଦୁଇ ପାସ୍ କରିଥିବା ଦ୍ୱିତୀୟ ବ୍ୟାଚର ପୁରାତନ ଛାତ୍ରଛାତ୍ରୀ ତାଙ୍କ ବ୍ୟାଚର ରୋପ୍ୟ ଜୟନ୍ତୀ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ବଡ଼ସ୍ମାର୍ଟ ଏଲଇଡି ଟିଭି ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ପୁରାତନ ଛାତ୍ର ଏବଂ ଅଧ୍ୟୟନ ରତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭଲିବଲ୍ ଓ କ୍ରିକେଟ୍ ମ୍ୟାଚ ଆୟୋଜିତ ହୋଇଥିଲା । ଏଥିରେ ପୁରାତନ ଛାତ୍ରଛାତ୍ରୀ ବିଜୟୀ ହୋଇଥିଲେ । ଶେଷରେ କୋଷାଧକ୍ଷ ଦିପ୍ତିମୟୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।



## ଆଦିବାସୀ କଲ୍ୟାଣ ସଂଘର ପରିଷଦ ବୈଠକ




**ନୂଆପଡ଼ା, ୧୬।୧୨(ସମିସ):** ଆଦିବାସୀ କଲ୍ୟାଣ ସଂଘ ଜିଲ୍ଲା କାର୍ଯ୍ୟାଳୟରେ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଭାନୁପ୍ରତାପ ସିଂ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଗତ ଦିନମାନଙ୍କରେ ସଂଘ ତରଫରୁ କରାଯାଇଥିବା ଦାବିଗୁଡ଼ିକ ଉପରେ ପ୍ରଶାସନ ଗୁରୁତ୍ୱ ଦେଇନଥିବାରୁ କର୍ମକର୍ତ୍ତାମାନେ ଦୁଃଖପ୍ରକାଶ କରିଥିଲେ । ଶିକ୍ଷା ବିଭାଗରେ ହୋଇଥିବା ଅନିୟମିତତା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନନେବା, ହଜାର ହଜାର ସଂଖ୍ୟାରେ ଆଦିବାସୀ ବନବାସୀଙ୍କୁ ଜଙ୍ଗଲ ଜମିପଟ୍ଟା ମିଳିପାରୁନି, ନୂଆପଡ଼ା ଜିଲ୍ଲାକୁ ଆଇଟିଡିଏ ମାନ୍ୟତା ପ୍ରଦାନ, ଆଦିବାସୀ ବହୁଳ ରାଜସ୍ୱ ଗାଁଗୁଡ଼ିକରେ ବନ୍ଦ ଥିବା ବିଦ୍ୟାଳୟଗୁଡ଼ିକୁ ଖୋଲିବା ଆଦି ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଯାଇଥିଲା । ଏଗୁଡ଼ିକୁ ନେଇ ଆଗାମୀ ଦିନରେ ସଂଘ ଜିଲ୍ଲା ତଥା ରାଜ୍ୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ, ଦରକାର ପଡ଼ିଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଖାମସିଂ ମାଝୀ, ବାଳକୃଷ୍ଣ ଶବର, କମଲେସ ସିଂ ଠାକୁର, କାର୍ତ୍ତିକେଶ୍ୱର ମଲ୍ଲିକ ଓ ଭକ୍ତବନ୍ଧୁ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ ।

## ମଣ୍ଡିରେ ପଡ଼ିଛି ଲକ୍ଷାଧିକ ବସ୍ତା ଧାନ; ଶୀତ କାକରରେ ଚାଷୀ

# ଯେଉଁଠି ଭାଗ ଛିଣ୍ଡୁଛି, ସେଠୁ ଉଠୁଛି ଧାନ

**ନୂଆପଡ଼ା, ୧୬।୧୨(ସମିସ):** ଚାଷୀଙ୍କ ଧାନକିଣାରେ କୌଣସି ସମସ୍ୟା ହେବ ନାହିଁ, ମଣ୍ଡିରେ ଧାନ ପଡ଼ିବା କ୍ଷଣି ମିଲର୍ସ ଉଠାଇନେବେ ଏବଂ କଟନିଛଟନି ହେବ ନାହିଁ ବୋଲି ସରକାର କହୁଥିବାବେଳେ ଧାନ କିଣା ଆରମ୍ଭରୁ ସବୁ ନୀତିନିୟମରେ ବ୍ୟତିକ୍ରମ ଦେଖାଦେଇଛି । ମଣ୍ଡିଗୁଡ଼ିକରେ ଲକ୍ଷାଧିକ ବସ୍ତାର ଧାନ ପଡ଼ି ରହିଥିବାବେଳେ ଅର୍ଦ୍ଧାଧିକ ମଣ୍ଡିରେ ଛାତ ନଥିବାରୁ ଖୋଲା ଆକାଶ ତଳେ ଚାଷୀମାନେ ଶୀତକାକରରେ ଧାନ ବସ୍ତାକୁ ଜଗି ରହିଛନ୍ତି । ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ ଜିଲ୍ଲାର ୫୭ ମଣ୍ଡିରେ ୧ଲକ୍ଷ ୩୨ହଜାର ୪୯୨ ବସ୍ତା ଧାନ ପଡ଼ିରହିଛି । ଚଳିତ ବର୍ଷ ଜିଲ୍ଲାରେ ୭୭ଟି ଧାନ କ୍ରୟ କେନ୍ଦ୍ରରେ ୧୭ଲକ୍ଷ ୮୭ହଜାର ୬୯୧ କ୍ୱିଣ୍ଟାଲ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ରହିଛି । ଜିଲ୍ଲାରେ ୪୬ହଜାର ୩୪୬ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକୃତ ହୋଇଥିବାବେଳେ ୩୧ଟି ରାଇସ ମିଲ ଧାନ ସଂଗ୍ରହ କରିବାକୁ ରହିଛି । ହେଲେ ବିଭିନ୍ନ ବାହାନା କରି ସବୁ ମିଲର୍ସ ଏଯାଏଁ ଚୁକ୍ତିନାମା କରିନାହାଁନ୍ତି । ଅନ୍ୟପକ୍ଷରେ ଯେଉଁଠି କଟନି ଛଟନି ବେଶୀ ହେଉଛି ସେହି ମଣ୍ଡିକୁ ମିଲର୍ସ ମାନେ ବେଶି ଯିବାକୁ ପସନ୍ଦ କରୁଥିବା ଦେଖାଯାଉଛି । ମିଲର୍ସ ମର୍ଜିରେ ମଣ୍ଡି ଚାଲିଛି ବୋଲି ଅଭିଯୋଗ ହେଉଛି । ବର୍ତ୍ତମାନ ଧାନ ସଂଗ୍ରହ ଆରମ୍ଭ ହେବାର ୨୫ଦିନ ବିତି ଯାଇଥିଲେ ବି ପ୍ରଶାସନିକ ଅଧିକାରୀଙ୍କ ଅବହେଳା ହେତୁ ଆରମ୍ଭରୁ ଧାନ ସଂଗ୍ରହରେ ଅଚଳାବସ୍ଥା ଜାରି ରହିଛି । ଜିଲ୍ଲାବ୍ୟାପି ୭୭ଟି ମଣ୍ଡିରେ ସୋମବାର ସୁଦ୍ଧା ମିଳିଥିବା ରିପୋର୍ଟ ମୁତାବକ ମୋଟ ୭୪୫୫ଜଣ ଚାଷୀଙ୍କ ୩ଲକ୍ଷ ୧୫ହଜାର ୫୫୮.୪ କ୍ୱିଣ୍ଟାଲ ଧାନ ମଣ୍ଡିକୁ ଆସିଥିବାବେଳେ ୭୩୧୪ଚାଷୀଙ୍କ ୩ଲକ୍ଷ ୯ହଜାର ୩୨୭.୧ କ୍ୱିଣ୍ଟାଲ ଧାନ ଉଠିଛି । ବାକି କେତେଟି ମଣ୍ଡିଗୁଡ଼ିକରେ ମିଲର୍ସ ମର୍ଜି ଚାଲୁଥିବାରୁ କିମ୍ବା ମିଲର୍ସ ଯୋଗାଣ ବିଭାଗ ଭାଗ ଛିଣ୍ଡୁ ନଥିବାରୁ ଧାନ ସବୁ ପଡ଼ି ରହିଥିବା କୁହାଯାଉଛି । ୧୩୦୨ଜଣ ଚାଷୀଙ୍କ ୧ଲକ୍ଷ ୨୩ହଜାର ୫୬୮ ବସ୍ତା ଧାନ ପଡ଼ି ରହିଛି । ଜିଲ୍ଲାର ସିନାପାଲି ବ୍ଲକ ହାତୀବନ୍ଧା ମଣ୍ଡିରେ ସର୍ବାଧିକ ୭୬ଜଣ ଚାଷୀଙ୍କ ୭୦୯୭ବସ୍ତା ଧାନ ପଡ଼ିରହିଥିବାବେଳେ ଖଡ଼ିଆଳ ବ୍ଲକ ଦୁଆଝର ମଣ୍ଡିରେ ୬୦୯୩, କୋଦୋମେରୀରେ ୪୪୬୪, ଠିକପାଲିରେ ୩୪୨୭ ଓ ତରବୋଡ଼ରେ ୫୫୩୫ବସ୍ତା ଧାନ ପଡ଼ି ରହିଛି । ଏଭଳି ସ୍ଥିତିରେ ଚାଷୀମାନଙ୍କ କହିବାନୁସାରେ ଯେଉଁ ମଣ୍ଡିରେ କଟନିଛଟନି ବେଶି ସେଠାରୁ ମିଲର୍ସ ମାନେ ଶୀଘ୍ର ଧାନ ଉଠାଇ ନେଉଛନ୍ତି । ଯେଉଁ ଚାଷୀ କିଛି ପ୍ରତିବାଦ କଲେ ବିଭିନ୍ନ ବାହାନା କରି ମିଲର୍ସ/ ଧାନକ୍ରୟ ସଂସ୍ଥା ଧାନକୁ ରିଜେକ୍ଟ କରି ଦେଉଛନ୍ତି । ଏଭଳି ସ୍ଥିତିରେ କୌଣସି ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ମଧ ଦେଖା ଦର୍ଶନ ମିଳୁନାହିଁ । ଏହା ଉପରେ ଜିଲ୍ଲା ମୁଖିଆ ତନ୍ନତନ୍ନ କରି ନଦେଖିଲେ ଚାଷୀଙ୍କ ଝାଳବୁହା ଉପାର୍ଜିତ ଧାନର ମୂଲ୍ୟ ମିଳିବାରେ କଷ୍ଟ ହୋଇପଡ଼ିବ ବୋଲି ଚାଷୀନେତା ମତପ୍ରକାଶ କରିଛନ୍ତି ।



## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ସ୍ୱାମୀ ମୃତ; ସ୍ତ୍ରୀ ଗୁରୁତର

**ଜୁନାଗଡ଼/ଚାରବାହାଲ, ୧୬ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ମୋଟେର-ଭବାନୀପାଟଣା ୨୬ ନମ୍ବର ଜାତୀୟ ରାଜପଥ ଜୁନାଗଡ଼ ବ୍ଲକ ଚାହାରବାହାଲ ପଖନାଗୁଡା ଛକ ନିକଟରେ ଦୁର୍ଘଟଣା ଘଟିଛି । ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ତାଙ୍କ ସ୍ତ୍ରୀ ଗୁରୁତର ହୋଇଛନ୍ତି । ମୃତକ ହେଲେ ଦେଉଣ୍ଡି ରାମପଡ଼ାର ଈଶ୍ୱରୀ ସିଂ(୫୫) । ସ୍ତ୍ରୀ ସଭ୍ୟା ସିଂଙ୍କୁ ଜୁନାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତେବେ ଗ୍ରାମବାସୀ ଓ ସମ୍ପର୍କୀୟ କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତା ଅବରୋଧ କରିଥିଲେ । କୌଣସି ପ୍ରତିଶ୍ରୁତି ମିଳି ନ ଥିଲା । ପୁଲିସ ଡରାଇ ଧମକାଇ ସମସ୍ତଙ୍କୁ ରାସ୍ତାରୁ ଉଠାଇ ଦେଇଥିଲା । ଏହାଫଳରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ସ୍ୱାମୀ-ସ୍ତ୍ରୀ ଚାହାରବାହାଲରୁ ଫେରିବା ସମୟରେ ମଣ୍ଡି ନିକଟରେ ସାମ୍ନା ପଟୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣାସ୍ଥଳରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା ।

# ଆର୍‌ଏସ୍‌ୱାଇସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ଦିଆମୁଣ୍ଡା ଚାମ୍ପିଅନ

**କୋମନା, ୧୬।୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ତରବୋଡ଼ସ୍ଥିତ ସମ୍ଭବ ଖେଳପଡ଼ିଆରେ ଆୟୋଜିତ ୧୮ତମ ଆରଏସୱାଇସି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି । ଫାଇନାଲରେ ନୂଆପଡ଼ା ଏକେ ୪୭ ଦଳକୁ ହରାଇ ଦିଆମୁଣ୍ଡା ଟିମ୍ ଚାମ୍ପିଅନ ହୋଇଛି । ସୋମବାର ଅପରାହ୍ନରେ ଦିଆମୁଣ୍ଡା ଟିମ୍ ଓ ନୂଆପଡ଼ା ଏକେ ୪୭ ଟିମ୍ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ନୂଆପଡ଼ା ଟିମ୍ ନିର୍ଦ୍ଧାରିତ ୧୦ ଓଭରରେ ୮ ୱିକେଟ ବିନିମୟରେ ୭୭ ରନ କରିଥିଲେ । ଜବାବରେ ଦିଆମୁଣ୍ଡା ଟିମ୍ ୮ ଓଭରରେ ୭୮ ରନ କରି ବିଜୟ ଲାଭ କରିବା ସହ ଟୁର୍ଣ୍ଣାମେଣ୍ଟ ଚାମ୍ପିଅନ ହୋଇଥିଲା । ଉଦ୍‌ଯାପନୀ ସମାରୋହରେ ଡିୱାଓ ପ୍ରସନ୍ନ ମେହେର, ଜୟ ଢୋଲକିଆ, ରବି ମଙ୍ଗରାଜ, ମାଧବ ପ୍ରସାଦ ସାହୁ, ସରପଞ୍ଚ ଶ୍ୟାମ ପୃଷ୍ଟି, ଜିଲ୍ଲା ପରିଷଦ ଅବନୀ ଯୋଶୀ, ଅଜୟ ଗହୀର, ସଭାପତି ଉମାକାନ୍ତ ବନଛୋର, ସମ୍ପାଦକ ଲାଲମାନ ବନଛୋର, ଉମେଶ ମହାରଥା, ବିକାଶ ନେତାମ ଓ ବାଳକୃଷ୍ଣ ରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ଚାମ୍ପିଅନ ଟ୍ରଫି ଓ ଉପବିଜେତା ଦଳକୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ ।




## ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ନୂଆପଡ଼ା, ୧୬।୧୨(ସମିସ):** ନୂଆପଡ଼ା ଜିଲ୍ଲା କେଶରାଜପୁର ଆଦର୍ଶ ବିଦ୍ୟାଳୟ ପରିସରରେ ୬ଷ୍ଠ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବରେ ବୋଡେନ ଅତିରିକ୍ତ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ଦେ, ଅଧ୍ୟକ୍ଷ ଚିତ୍ତରଞ୍ଜନ ମଟାରୀ, ଅନିମା ବାରିକ, ଯଦୁମଣି ବାରିକ, ସନ୍ତୋଷ କୁମାର ଦାସ, ନରୋତ୍ତମ ବାଗ, ଦେବସ୍ମିତା ହାସଦା, ଲିଲି ପଟେଲ, ମନୋଜ ବେହେରା, ସାଗର ମହାନ୍ତି, ଲକ୍ଷ୍ମଣ ବରିହା, ସତ୍ୟପ୍ରକାଶ ଦଣ୍ଡସେନା, ତପେଶ୍ୱର ମେହେର, ଲଳିତ ତାଣ୍ଡି, ଅଲିଭ ଜାଲ, ରାମଚନ୍ଦ୍ର ମାଝୀ ଓ ଆକାଶ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । କ୍ରୀଡ଼ା ଶିକ୍ଷକ ପ୍ରକାଶ ବେହୁରିଆଙ୍କ ତତ୍ତ୍ୱାବଧାନରେ ୫୦ ଓ ୧୦୦ ମିଟର ଦୌଡ଼, ଉଚ୍ଚଡିଆଁ, ଲମ୍ବ ଡିଆଁ, ବେଙ୍ଗ ଡିଆଁ, ସଟ୍‌ଫୁଟ ଆଦି ୧୯ ପ୍ରକାରର ଚାରି ବିଭାଗରେ ଖେଳ ହୋଇଥିଲା । କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଏବଂ ପଦକ ପ୍ରଦାନ କରାଯାଇଛି । ଶେଷରେ ସାର୍ଥକ ସାରଥି ସିଂ ପୁରସ୍କାର ବିତରଣ ସଞ୍ଚାଳନ କରିଥିବାବେଳେ ଜୟ କିଷାନ ଶିକା ଧନ୍ୟବାଦ ଅର୍ପଣ କରିଥିଲେ ।



# ମୌଳିକ ସମସ୍ୟାର ସମାଧାନ ପାଇଁ ରାସ୍ତାରେ ଗୁଣପୁରବାସୀ

**ଥୁଆମୂଳ ରାମପୁର, ୧୬ ।୧୨(ସମିସ):**

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଗୁଣପୁର ପଞ୍ଚାୟତର ଗୁଣପୁରରେ ପ୍ରମୁଖ ସମସ୍ୟାର ସମାଧାନ ନିମନ୍ତେ ଗ୍ରାମବାସୀଙ୍କ ଦ୍ୱାରା ରାସ୍ତା ଅବରୋଧ କରାଯାଇଥିଲା । ଶିକ୍ଷା, ସ୍ୱାସ୍ଥ୍ୟସେବା, ଖେଳପଡ଼ିଆ ସହିତ ପାନୀୟ ଜଳ ଯୋଗାଣ ଗ୍ରାମବାସୀଙ୍କ ପ୍ରମୁଖ ଦାବି ନେଇ ସୋମବାର ଭବାନୀପାଟଣା ଥୁଆମୂଳ ରାମପୁର ମୁଖ୍ୟ ରାସ୍ତା ଉପରେ ୧୨ ଘଣ୍ଟିଆ ରାସ୍ତା ଅବରୋଧ କରାଯାଇଥିଲା । ଏହାଫଳରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା ।

ପ୍ରାୟ ୩୮୦ ପରିବାର ବସବାସ କରୁଥିବା ଏହି ଗ୍ରାମରେ ଦୀର୍ଘ ଦିନରୁ ପାନୀୟ ଜଳର ସମସ୍ୟା ରହି ଆସିଛି । ଏହାର ସମାଧାନ ପାଇଁ ବସୁଧା ଯୋଜନାରେ ଏକ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇଛି । ପ୍ରତ୍ୟେକ ଘରକୁ ମଧ୍ୟ ପାଇପ୍ ସଂଯୋଗ କରାଯାଇଛି; କିନ୍ତୁ ବିଭିନ୍ନ ସମୟରେ ବିଭିନ୍ନ କାରଣ ଯୋଗୁଁ ଜଳଯୋଗାଣ ନିୟମିତ ହେଉନି । ନଳକୂପଗୁଡିକ ଅଚଳ ପଡ଼ିରହିଛି । ଏଣୁ ପାଣି ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମୋସରୁ ଅଧିକ ସମୟ ହେବ ପାଣି ଟାଙ୍କିରେ ଆବଶ୍ୟକତା ଅନୁଯାୟୀ ପାଣି ପହଞ୍ଚି ପାରୁନି । ଯୋଗୁଁ ଜଳଯୋଗାଣ ବନ୍ଦ ରହିଛି । ଗାଁ ନିକଟ ନାଳର ଗୋଳିଆ ତଥା ଦୂଷିତ ପାଣିକୁ ଲୋକେ ସ୍ନାନ ଶୌଚରେ ବ୍ୟବହାର କରୁଛନ୍ତି । ଏହା ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି ।

ଏଣୁ ପାନୀୟଜଳ ସମସ୍ୟାର ସ୍ଥାୟୀ ସମାଧାନ ସହିତ ଅବହେଳିତ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ କ୍ରୀଡା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଗ୍ରାମରେ ଏକ ଉନ୍ନତ ଖେଳ ପଡ଼ିଆ ବ୍ୟବସ୍ଥା କରିବାକୁ ପୂର୍ବରୁ ଥୁଆମୂଳ ରାମପୁର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟପକ୍ଷେ ଏସବୁ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ପଞ୍ଚାୟତ ପ୍ରଶାସନ ପାଖରେ ସେଭଳି ଅନୁଦାନ ଆସୁ ନ ଥିବା କହି ସରପଞ୍ଚ ସୁଜାତା ମାଝୀ ଅସହାୟତା ପ୍ରକାଶ କରିଥିଲେ ।

ଗୁଣପୁର ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ରଥ ଦୁରିଆ, ଗୁଣନିଧି ନାଏକ, ସମୀର ନାଏକଙ୍କ ନେତୃତ୍ୱରେ ଆୟୋଜିତ ଏହି ରାସ୍ତା ରୋକ କରାଯାଇଥିଲା । ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାସ୍ତା ରୋକ ହୋଇଥିଲା । ବିଡ଼ିଓ ଧ୍ରୁବ ଚରଣ ମୁଦୁଲି ପହଞ୍ଚି ୭ ଦିନ ମଧ୍ୟରେ ସମାଧାନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ରାସ୍ତା ରୋକ ହଟିଥିଲା । ତେବେ ସମୟ ମଧ୍ୟରେ ପ୍ରତିଶ୍ରୁତି ପୂରଣ ନ ହେଲେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଗୁଣପୁର ଆଞ୍ଚଳିକ ବିକାଶ ପରିଷଦ ଚେତାବନୀ ଦେଇଛି ।

- ୧୨ ଘଣ୍ଟିଆ ରାସ୍ତା ଅବରୋଧ
- ୭ ଦିନ ସମୟ ନେଲେ ବିଡିଓ



# ପାଗଳା କୁକୁର କାମୁଡ଼ାରେ ୧୫ ଆହତ



**ସୋନପୁର, ୧୬।୧୨(ସମିସ):** ସୋନପୁର ସହରରେ ଦିନକୁ ଦିନ ବୁଲା କୁକୁରଙ୍କ ଦୌରାମ୍ୟ ବଢ଼ିବାରେ ଲାଗିଛି। ଏକ ପାଗଳ କୁକୁର ଦୁଇ ଦିନ ହେଲା ସହରରେ ଆତଙ୍କ ଖେଳାଉଛି। ରବିବାର ଠାରୁ ସୋନପୁର ସହରର ବିଭିନ୍ନ ସ୍ଥାନରେ ପ୍ରାୟ ୧୫ ଜଣ ପାଗଳ କୁକୁର କାମୁଡ଼ାର ଶିକାର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଛନ୍ତି। ଧିବରପଡ଼ାର ସିଦ୍ଧାନ୍ତ ପଧାନ, ପଟାଭାଡ଼ିର ଅଳକା ମେହେର, ଅନାପତି ପଡ଼ାର ସୌମ୍ୟ ପ୍ରଧାନ, ବ୍ଲକ ଛକର ଗୋଲେଖ ସାହୁ ଏବଂ ନୂଆମାଳି ପଡ଼ାର ଗିରିଗୋବର୍ଦ୍ଧନ ମହାପାତ୍ର ପ୍ରମୁଖ କୁକୁର କାମୁଡ଼ାର ଶିକାର ହୋଇଥିବା ଜଣାପଡ଼ିଛି। ସୋମବାର ସକାଳୁ ମଝିପଡ଼ାର ରାଜୀବ ସାହୁ ଓ ପୂର୍ଣ୍ଣମାସୀ ନାଏକ ମଧ୍ୟ କୁକୁର କାମୁଡ଼ାରେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଏହି ପାଗଳ କୁକୁର ଯୋଗୁଁ ଛୋଟ ଶିଶୁ ଏବଂ ବୟସ୍କ ବ୍ୟକ୍ତି ବାହାରକୁ ବାହାରିବା ବିପଦପୂର୍ଣ୍ଣ ହୋଇପଡ଼ିଛି। ସୂଚନା ଅନୁସାରେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୦୨୩ ନଭେମ୍ବରରୁ ୨୦୨୪ ନଭେମ୍ବର ମଧ୍ୟରେ ୮୯୩ ଜଣ ବ୍ୟକ୍ତି କୁକୁର କାମୁଡ଼ା ଯୋଗୁଁ ଚିକିତ୍ସିତ ହୋଇଛନ୍ତି। ବୁଲା କୁକୁରଙ୍କ ଦୌରାମ୍ୟ ରୋକିବାକୁ ସୋନପୁର ପୌର ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ସଇଁତଳା ବ୍ଲକ୍‌ରେ ଅଭିଯୋଗ ଶୁଣାଣି



**ବଲାଙ୍ଗିର, ୧୬।୧୨(ସମିସ):** ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବ୍ଲକ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏହି ଯୁଗ୍ମ ଜନଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଗୌରବ ଶିୱାଜୀ ଇସଲୱାର, ଆରକ୍ଷୀ ଅଧିକ୍ଷକ ଖିଲାରୀ ରିଷିକେଶ ଦ୍ୟାନଦେଓଙ୍କୁ ସମୁଦାୟ ୮୨ ଗୋଟି ଅଭିଯୋଗ ଦାଖଲ ହୋଇଥିଲା। ତନ୍ମଧ୍ୟରୁ ୬୧ଟି ବ୍ୟକ୍ତିଗତ ଅଭିଯୋଗ ଓ ଅବଶିଷ୍ଟ ୨୧ ଟି ସାମୂହିକ ଅଭିଯୋଗ ଥିଲା। ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଜନସାଧାରଣଙ୍କ ଏହି ସମସ୍ତ ଅଭିଯୋଗ ଓ ସମସ୍ୟା ଗୁଡିକର ଶୁଣାଣି କରି ୧୭ ଟି ମାମଲାର ଶୁଣାଣିର ତୁରନ୍ତ ସମାଧାନ କରିଥିଲେ। ବାକି ଥିବା ମାମଲାଗୁଡିକୁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର, ଟିଟିଲାଗଡ଼ ଉପଜିଲ୍ଲାପାଳ ରେହାନ ଖେତ୍ରୀ, ସଇଁତଳା ବିଡିଓ ବିନୟ କୁମାର ଭୋଇ, ଆସିଷ୍ଟାଣ୍ଟ କଲେକ୍ଟର(ସାଧାରଣ ଓ ବିବିଧ) ରାମ ନାରାୟଣ ମିଶ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ପ୍ରଫୁଲ୍ଲ ଭଞ୍ଜ, ସ୍ନିଗ୍ଧାରାଣୀ ତ୍ରିପାଠୀ ତଥା ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହାପରେ ଜିଲ୍ଲାପାଳ ସଇଁତଳା ଥାନା ଯାଞ୍ଚ ପରେ ଜାମପଦର ସୁଶାନ୍ତ ଭୋଇଙ୍କ ପିଜୁଳି ବଗିଚା ବୁଲି ଦେଖିଥିଲେ।

## ଆଦିବାସୀ କଲ୍ୟାଣ ସଂଘର ବିକ୍ଷୋଭ

# ତେଜୁଛି କୁଲି-କୁଲିସ ଜାତି ବିବାଦ

**ବଲାଙ୍ଗିର, ୧୬।୧୨(ସମିସ)**



ଗତ କିଛିଦିନ ତଳେ ବଲାଙ୍ଗିର ଜିଲ୍ଲାର ଦେଓଗାଁ ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାରଙ୍କୁ କିଛି ଲୋକେ ଘେରଉ କରିଥିଲେ। ମହିଳାମାନେ ତାଙ୍କର ସାର୍ଟ କଲରକୁ ଧରି ଟାଣୁଥିବାର ଭିଡିଓ ଭାଇରାଲ ହେଉଥିଲା। ଜାତିଗତ ପ୍ରମାଣପତ୍ର ଦେଇ ନ ଥିବାରୁ ଯୁବକ ଜଣକ ଚାକିରି ପାଇ ନ ଥିବା ଅଭିଯୋଗ କରି ଏହି ଘଟଣା ଘଟିଥିବା କୁହାଯାଉଥିବାବେଳେ ତାହା ଏବେ ଭିନ୍ନ ମୋଡ଼ ନେଇଛି। ସମ୍ପୃକ୍ତ ଯୁବକ ଜଣକ କୁଲି ଜାତିର ହୋଇଥିବାବେଳେ ତାଙ୍କୁ ଆଦିବାସୀ ପ୍ରମାଣପତ୍ର କେମିତି ଦିଆଗଲା ବୋଲି ପ୍ରଶ୍ନ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିଛି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ।

ସୋମବାର ସକାଳେ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡ଼ିଆରୁ ଶସସ୍ତ୍ର ଭାବେ ବାହାରିଥିଲା ଆଦିବାସୀମାନଙ୍କ ଶୋଭାଯାତ୍ରା। ସେଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଘଟଣା ସମ୍ପର୍କରେ ଜିଲ୍ଲାପାଳଙ୍କ ସହିତ ଆଲେଚନା କରିବାକୁ କହିଥିଲେ ହେଁ ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ଶେଷରେ ଚାରିପଟୁ କଚେରି ଛକ ରାସ୍ତା ଅବରୋଧ କରିଥିଲେ ଆନ୍ଦୋଳନରତ ଆଦିବାସୀ। ସେମାନଙ୍କ କହିବା ଅନୁସାରେ ଆଦିବାସୀ ସମ୍ପ୍ରଦାୟରେ କୁଲିସ ନାମରେ ଏକ ଜାତି ରହିଛି। କୁଲି ବୋଲି କୌଣସି ଜାତି ଆଦିବାସୀ ସମ୍ପ୍ରଦାୟରେ ନାହିଁ। କୁଲି ଜାତିର ସଂସ୍କୃତି, ପରମ୍ପରା ଆଦିବାସୀମାନଙ୍କ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଆନ୍ଦୋଳନର ନେତୃତ୍ୱ ନେଉଥିବା ଆଦିବାସୀ ନେତା ଶ୍ୟାମସୁନ୍ଦର ଭୋଇ, ବନଲତା ମାଝୀ ଓ ଅନ୍ୟମାନେ ପ୍ରକାଶ କରିଥିଲେ। ଯଦିଓ ଏ ସମ୍ପର୍କରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ ତାହା ବର୍ତ୍ତମାନ ସୁଦ୍ଧା କ୍ୟାବିନେଟରେ ମଞ୍ଜୁରି ପାଇନାହିଁ କି ଆଗତ ମଧ୍ୟ ହୋଇନାହିଁ। ରାଜ୍ୟସଭା ଏବଂ ଲୋକସଭା ସଦନରେ ମଞ୍ଜୁରୀପ୍ରାପ୍ତ ହେଲେ ଯାଇ କୌଣସି ଜାତି କିମ୍ବା ଉପଜାତି ଏକ ସମ୍ପ୍ରଦାୟରେ ମିଶିପାରିବ ବୋଲି କହିଥିଲେ। ଜିଲ୍ଲାପାଳ କେଉଁଭଳି ଭାବରେ ସମ୍ପୃକ୍ତ କୁଲି ଜାତିର ଯୁବକଙ୍କୁ ଆଦିବାସୀ ପ୍ରମାଣପତ୍ର ପ୍ରଦାନ କଲେ ତାହା ପ୍ରଶ୍ନ ଉଠାଇବା ସହିତ ତାଙ୍କର ଏଭଳି ପଦକ୍ଷେପକୁ ନିନ୍ଦା କରିଥିଲେ। ଜିଲ୍ଲାପାଳ ତୁରନ୍ତ ତାଙ୍କ ନିର୍ଦ୍ଦେଶକୁ ପ୍ରତ୍ୟାହାର କରନ୍ତୁ ନଚେତ ବଲାଙ୍ଗିର ଜିଲ୍ଲାରୁ ତାଙ୍କୁ ବଦଳି କରାଯାଉ ବୋଲି ସଂଘ ଦାବି କରିଥିଲା। ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆଦିବାସୀମାନେ ଆସି ଯୋଗଦାନ କରିଥିଲେ।

# ଜମି ବିବାଦରେ ଫସିଛି ଏକାଧିକ ବିଦ୍ୟାଳୟ

**କଲମପୁର, ୧୬।୧୨(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅଞ୍ଚଳରେ ଅବସ୍ଥାପିତ ବିଭିନ୍ନ ବିଦ୍ୟାଳୟରେ ଜମି ମାଲିକଙ୍କ ନଜର ପଡ଼ିଛି। ଏହାଫଳରେ ଭିତ୍ତିଭୂମି ସଜାଡିବା ସମ୍ଭବ ହୋଇପାରୁନାହିଁ। କିଛିଦିନ ତଳେ ଭାଲୁବୁଟ୍ରା ପ୍ରାଥମିକ ବିଦ୍ୟାଳୟକୁ ନେଇ ଅଭିଭାବକ ଓ ଛାତ୍ରଛାତ୍ରୀ ସ୍କୁଲରେ ତାଲା ପକାଇ ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଥିଲା ଯେ, ଶ୍ରେଣୀ ପ୍ରକୋଷ୍ଠ ଅଭାବ ଥିବା ବେଳେ ମହାଜନୀ ଜମିରେ ବିଦ୍ୟାଳୟ ରହିଥିବାରୁ ନୂତନ ପ୍ରକୋଷ୍ଠ ନିର୍ମାଣ ହୋଇ ପାରୁନାହି। ଏହି ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଉ। ବିଡିଓ, ସହକାରୀ ଯନ୍ତ୍ରୀ, ସରପଞ୍ଚ ଯାଇ ସେମାନଙ୍କୁ ନୂତନ ସ୍ଥାନରେ ବିଦ୍ୟାଳୟ ନିର୍ମାଣର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ହୋଇଥିଲା। କସାବାହି ପ୍ରାଥମିକ ବିଦ୍ୟାଳୟ ମଧ୍ୟ ମହାଜନୀ ଜମିରେ ରହି ଥିବା ଫଳରେ ନବ ନିର୍ମିତ ବିଦ୍ୟାଳୟ କୋଠା ଅଧପନ୍ତରିଆ ଭାବେ ପଡ଼ି ରହିଛି। ସେଠାରେ ମଧ୍ୟ ଅନୁରୂପ ଭାବେ ବିଭିନ୍ନ ଆନୁସଙ୍ଗିକ କାର୍ଯ୍ୟ ହୋଇ ପାରୁନାହିଁ। ମାଟିଖାଲ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ମହାଜନୀ ଜମିରେ ରହି ଥିବାରୁ ସେଠାରେ ବି କୌଣସି କାର୍ଯ୍ୟ ଆଗେଇ ପାରୁନାହିଁ। ଇଚ୍ଛାପୁର ବିଦ୍ୟାଳୟ ମଧ୍ୟ ମହାଜନୀ ଜମିରେ ରହିଥିବାରୁ ବିପଦ ସଂକୁଳ ପ୍ରକୋଷ୍ଠରେ ଦୟନୀୟ ଭାବରେ ଛାତ୍ରଛାତ୍ରୀ ଅଧ୍ୟୟନ କରିବାକୁ ବାଧ୍ୟ ହେଉଛନ୍ତି। ଏଭଳି ଜମି ବିବାଦରେ ଅନେକ ବିଦ୍ୟାଳୟ ଛନ୍ଦି ହୋଇ ପଡ଼ିଛି। ହାରାମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ନିରିଖେଇ ଦେଖିଲେ ଏଭଳି ଅବ୍ୟବସ୍ଥା ଯୋଗୁଁ କିଭଳି ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ତାହା ସହଜରେ ବାରି ହୋଇ ପଡ଼ିଛି। ଏଠାରେ ପ୍ରାୟ ୨ଶହ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ପ୍ରଥମରୁ ୮ମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏହି ୮ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଦୁଇଟି ପ୍ରକୋଷ୍ଠରେ ପାଠ ପଢ଼ା ଯାଉଛି। ଏଥିରେ ୬ଜଣ ଶିକ୍ଷକ ନିୟୋଜିତ ହୋଇ ଥିବା ବେଳେ ପ୍ରଧାନଶିକ୍ଷକଙ୍କ ପ୍ରକୋଷ୍ଠ ଭଙ୍ଗା ଦଦରା ଘରେ କରାଯାଇଛି। ସେଠାରେ ମଇଳା ଭରପୁର ରହିଥିବା ବେଳେ ସରୀସୃପ ପ୍ରାଦୁର୍ଭାବ ଯୋଗୁଁ ସର୍ବଦା ଭୟର ବାତାବରଣ ଲାଗି ରହିଛି। ଏହି ବିଦ୍ୟାଳୟ ମଧ୍ୟ ମହାଜନୀ ଜମିରେ ଅବସ୍ଥାପିତ। ଏହାଫଳରେ ବିଦ୍ୟାଳୟ ନିମନ୍ତେ ଗୃହ ନିର୍ମାଣ କରାଯାଇ ପାରୁନାହିଁ। ଏଭଳି ସ୍ଥିତିରେ ଅନେକ ବିଦ୍ୟାଳୟ ଗତିକରି ଚାଲିଛି। ଶିକ୍ଷା ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରିପାରୁନାହିଁ। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀଣୀ ମଧୁସ୍ମିତା ନାଏକ ଓ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ହେମନ୍ତ ପଣ୍ଡା କହିଛନ୍ତି ଯେ, ଏହି ସମସ୍ୟା ଦୀର୍ଘ ଦିନ ହେବ ଲାଗି ରହିଛି। ରିପୋର୍ଟ ସଂଗ୍ରହ କରି ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ତହସିଲଦାର ନିକଟବର୍ତ୍ତୀ ସ୍ଥାନରେ ଜମି ଯୋଗାଇ ଦେଲେ ନୂତନ ବିଦ୍ୟାଳୟ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଡୁମାଳ ପରିଷଦର ବୈଠକ



**ସୋନପୁର, ୧୬।୧୨(ସମିସ):** ସୋନପୁର ବ୍ଲକ ଲଛିପୁର ପଞ୍ଚାୟତ ଅଧୀନ ଲୁପୁରୁସିଙ୍ଗା ଗ୍ରାମର ମାହେଶ୍ୱରୀ କଲ୍ୟାଣମଣ୍ଡପରେ ଜିଲ୍ଲା ଡୁମାଳ ପରିଷଦ ପକ୍ଷରୁ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲା ସଭାପତି ଅଶ୍ୱିନୀ କୁମାର ମହାକୁର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ କମିଟି କୋଷାଧ୍ୟକ୍ଷ ବିପିନ ପାତ୍ର, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ବଘାର, ରାଜ୍ୟ ଉପ ସଭାପତି ଲୋକନାଥ ମାହାର, ବଲାଙ୍ଗିର ଜିଲ୍ଲା କାର୍ଯ୍ୟକାରିଣୀ ସମ୍ପାଦକ ବୃଷଭ ଦନ୍ତା ଯୋଗଦେଇଥିଲେ। ଅବସରରେ ଜିଲ୍ଲା ସମ୍ପାଦକ କିଶୋର କର୍ମୀ ପୂର୍ବ ବୈଠକର ପ୍ରସ୍ତାବଗୁଡ଼ିକ ପଠନ କରିବା ସହ ସାଂଗଠନିକ ଏବଂ ସାମାଜିକ ନୀତିନିୟମ ଉପରେ ଆଲୋକପାତ କରିଥିଲେ। ସୋନପୁର ଟାଉନରେ ୧୮୫ଟି ପରିବାର ବାସ କରୁଥିବାରୁ ଏଠାରେ ଏକ ଉପକେନ୍ଦ୍ର ଗଠନ କରିବା ପାଇଁ ଜିଲ୍ଲା ସଂଯୋଜକ ସୁରେଶ ପାତ୍ର ଦାବି କରିଥିଲେ। ବୈଠକରେ ଜୟନାରାୟଣ ମେଣ୍ଡିଲି, କୃଷ୍ଣଚନ୍ଦ୍ର କର୍ମ, ସତ୍ୟ ବସ୍ତିଆ, ହାଡିବନ୍ଧୁ ଖମାରୀ, ବଲାଙ୍ଗିର ଜିଲ୍ଲାର ସୁଦାମା ବଘାର, ଲୁହୁରାପାଲି କେନ୍ଦ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଦାମୋଦର ମହାକୁର, ଭଜମନ ଖେତୀ ଏବଂ ଅଜିତ ବସ୍ତିଆ ଏଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶେଷରେ ଜାନୁଆରୀ ପହିଲାରୁ ସାମାଜିକ ନୀତିନିୟମ କଡ଼ାକଡ଼ି କରାଯିବ ସହ ସାଂଗଠନିକ ସଂସ୍କାର ଆଣାଯିବ ବୋଲି ଜିଲ୍ଲା ସଭାପତି ଘୋଷଣା କରିଥିଲେ। ଉପ ସଭାପତି ଲକ୍ଷ୍ମଣ ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ନାଟ୍ୟକାର ଶଙ୍କର ପ୍ରସାଦ ନାଏକଙ୍କୁ ଶ୍ରଦ୍ଧାଞ୍ଜଳି




**ଭବାନୀପାଟଣା, ୧୬।୧୨(ସମିସ):** ନାଟ୍ୟକାର, ନିର୍ଦ୍ଦେଶକ, ଲେଖକଙ୍କ ମୃତ୍ୟୁ ନ ଥାଏ। ନିଜ କର୍ମ ଓ କୃତି ପାଇଁ ସମାଜରେ ସେମାନେ ଅମର ହୋଇଯାନ୍ତି। କଳାହାଣ୍ଡି ମାଟିର ଅନ୍ୟତମ ଚର୍ଚ୍ଚିତ ନାଟ୍ୟକାର-ନିର୍ଦ୍ଦେଶକ ଶଙ୍କର ପ୍ରସାଦ ନାଏକଙ୍କ ଅବର୍ତ୍ତମାନରେ ଆୟୋଜିତ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭାରେ ଏଭଳି ମତ ପ୍ରକାଶ ପାଇଥିଲା। ଭବାନୀପାଟଣାର ସଙ୍ଗମ ଅନୁଷ୍ଠାନ ଦ୍ୱାରା ବାଲାଜୀ ବିହାର ସରସ୍ୱତୀ ଶିଶୁ ମନ୍ଦିରରେ ଏହି ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ନାଟ୍ୟକାର ରାଜୀନ୍ଦ୍ର ପାଢ଼ୀ ଏଥିରେ ପୌରୋହିତ୍ୟ କରିଥିଲେ। ନାଟ୍ୟକାର ଡ. ଉମେଶ ଚନ୍ଦ୍ର ଶତପଥୀ, ବରିଷ୍ଠ କଳାକାର ଶାନ୍ତନୁ ମୁଣ୍ଡ ଓ ଯୁବ ନାଟ୍ୟଶିଳ୍ପୀ ଶୁଭ୍ରାଂଶୁ ନନ୍ଦ ଆଲୋଚକ ଭାବେ ଯୋଗଦେଇ ସ୍ୱର୍ଗତ ନାଏକଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାକୁ ବିରଞ୍ଚି ନାରାୟଣ ମୁଣ୍ଡ ପରିଚାଳନା କରିଥିବାବେଳେ ଚକ୍ରଧର ମହାରଣା ସହଯୋଗ କରିଥିଲେ। ନାଟ୍ୟ ଶିଳ୍ପୀ ଗୌରବ, ସୁମନ, କଲ୍ୟାଣୀ, ସ୍ୱର୍ଣ୍ଣମଶ୍ରୀ, ହିମାଂଶୁ, ପ୍ରଭାତ, ଯୋଗେନ୍ଦ୍ର, ପୂଜା, ଆଦିତ୍ୟ ପ୍ରମୁଖ ସ୍ୱର୍ଗତ ନାଏକଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ପିଲା ଟାଙ୍କି ସଫା କରିବା ଘଟଣା

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣଦର୍ଶାଅ ନୋଟିସ୍

**ତୁରେକେଲା, ୧୬।୧୨(ସମିସ):** ତୁରେକେଲା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସରକାରୀ ପ୍ରାଥମିକ ସ୍କୁଲ ଛାତ ଉପରେ ଚଢ଼ି ଜଣେ ସ୍କୁଲ ପିଲା ଟାଙ୍କି ସଫାକରୁଥିବାନେଇ ଅଭିଯୋଗ ହୋଇଥିଲା। ଏନେଇ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ତତ୍ପରତା ଦେଖାଇଲା ତୁରେକେଲା ବ୍ଲକ ଶିକ୍ଷା ବିଭାଗ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାଧବୀଲତା ସାହୁଙ୍କୁ ଘଟଣା ସମ୍ପର୍କରେ କାରଣ ଦର୍ଶାଅ ନୋଟିସ ପଠାଇଥିବା ଜଣାପଡ଼ିଛି। ଆଗକୁ ତୁରେକେଲା ବ୍ଲକ ଶିକ୍ଷା ବିଭାଗ ଉକ୍ତ ପ୍ରାଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଦେଖିବାକୁ ରହିଲା।

ସକାଳ ପ୍ରଭାବ

# ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ରକ୍ତଦାନ ଶିବିର




## ୩୫ ୟୁନିଟ ସଂଗ୍ରହ

**ସୋନପୁର, ୧୬।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ମାରୱାଡି ଯୁବାମଞ୍ଚ ପକ୍ଷରୁ ସୋନପୁର ମାରୱାଡି ଧର୍ମଶାଳାରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଅଲ୍ ଓଡ଼ିଶା ମାରୱାଡି ଯୁବାମଞ୍ଚର ଆହ୍ୱାନ କ୍ରମେ ୧୫ ଡିସେମ୍ବରରୁ ୨୨ ଡିସେମ୍ବର ପର୍ଯ୍ୟନ୍ତ ୧୦୯ ଶାଖାର ୨୫୦ଟି ଶିବିରରେ ୧୫ ହଜାର ୟୁନିଟ ରକ୍ତ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହିକ୍ରମରେ ସୋନପୁର ସଦର ବ୍ଲକ ଶାଖା ଯୁବାମଞ୍ଚ ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଛି। ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ମାରୱାଡ଼ି ସମାଜ ସଭାପତି ଗୋପାଳ ପ୍ରାସାଦ ଭୁତ, ଯୁବାମଞ୍ଚ ସଭାପତି ମନୋଜ ଅଗ୍ରୱାଲା, ସମ୍ପାଦକ ଅଙ୍କିତ ଅଗ୍ରୱାଲା, ମାରୱାଡ଼ି ମହିଳା ସମିତି ଅଧକ୍ଷା ମୁନି ଅଗ୍ରୱାଲା ଯୋଗଦେଇଥିଲେ। ଲେଫ୍ଟନେଣ୍ଟ ଆଶିଷ ଅଗ୍ରୱାଲା ସଭା ସଂଯୋଜନା କରିଥିବା ବେଳେ ଶିବିରର ସଂଯୋଜକ ନନ୍ଦଲାଲ ଅଗ୍ରୱାଲା, ଅମିତ ଅଗ୍ରୱାଲା, ରାଘବ ଅଗ୍ରୱାଲା, ମୀନା ଅଗ୍ରୱାଲା ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଡା.ଗୌରୀଶଙ୍କର ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରକ୍ତ ଭଣ୍ଡାରର ଟେକ୍ନିସିଆନ ଜଗତ ଦରୁୱାନ ଓ ଟିଟୁ ଭୋଇ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ବୁଲୁଛି ଦନ୍ତା; ଭୟରେ ଅଞ୍ଚଳବାସୀ

**ଖପ୍ରାଖୋଲ, ୧୬।୧୨(ସମିସ)**



ବଲାଙ୍ଗିର ଜିଲ୍ଲା ଅଧୀନ ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଗତ ଦୁଇଦିନ ହେଲା ଗୋଟିଏ ଦନ୍ତାହାତୀ ବୁଲୁଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣଦେଖାଦେଇଛି। ହାତୀର ଉପସ୍ଥିତି ପାଇଁ ବାରମ୍ବାର ବିଦ୍ୟୁତ କାଟ କରାଯାଇଥିବା ବେଳେ ଏହା ଜନସାଧାରଣଙ୍କ ପାଇଁ ବେଡି ଉପରେ କରୋଡା ସଦୃଶ୍ୟ ହୋଇଛି। ଅନ୍ୟପକ୍ଷରେ ଗତ ଦୁଇଦିନ ହେଲା ହାତୀର ଗତିବିଧି ଜାଣିବା ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ପାଟ୍ରୋଲିଂ ଜାରି ରହିଛି। ରବିବାର ସନ୍ଧ୍ୟାରେ ହଠାତ୍ ଦନ୍ତାହାତୀଟି ଖପ୍ରାଖୋଲ ବ୍ଲକ ସଦର ମହକୁମାରେ ବୁଲୁଥିବା ଅଞ୍ଚଳବାସୀ ଦେଖିବାକୁ ପାଇଥିଲେ। ଜନସାଧାରଣ ହାତୀଟିକୁ ଦେଖି ଘବରେଇ ଯାଇଥିଲେ। ପରେ ହାତୀଟି ଭାଲୁଡୁଙ୍ଗୁରୀ ଅଞ୍ଚଳକୁ ପଳାଇଥିଲା। ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକଙ୍କ ନେତୃତ୍ୱରେ ତିନିଗୋଟି ଦଳ ହାତୀକୁ ଖୋଜିବା ଆରମ୍ଭ କରିଥିଲେ। ରାତିରେ ହାତୀଟି ଘୁନସର ଦେଇ ରେଙ୍ଗାଲି ଅଞ୍ଚଳକୁ ପଳାଇ ଯାଇଥିଲା। ଏଥିରେ ଘୁନସର ସମେତ ସ୍ଥାନୀୟ ଅଞ୍ଚଳର ଚାଷ ଜମିକୁ ହାତୀ ଦଳି ଚକଟି ଦେଇଥିବାରୁ ଧାନ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ସୋମବାର ସକାଳେ ଜଙ୍ଗଲ ବିଭାଗର କର୍ମଚାରୀ ହାତୀର ପାଦଚିହ୍ନ ଦେଖି ହାତୀଟିକୁ ରେଙ୍ଗାଲି ଅଞ୍ଚଳରେ ଠାବ କରିଥିଲେ। ଜଙ୍ଗଲ ବିଭାଗ ତରଫରୁ ହାତୀର ଉପସ୍ଥିତି ନେଇ ଡାକବାଜି ଯନ୍ତ୍ର ଜରିଆରେ ଜନସାଧାରଣଙ୍କୁ ସତର୍କ କରାଯାଇଥିଲା। ବନପାଳ ଅରବିନ୍ଦ ଧରୁଆ, ବିପିନ ସାହୁ, ସଞ୍ଜୀବ ପଧାନ, ଉମାବତୀ ଭୁଆ, ରଞ୍ଜିତ କୁମ୍ଭାର, ସଞ୍ଜୀବ ପଧାନ ପ୍ରମୁଖ କର୍ମଚାରୀ ଏହି ହାତୀ ଘୋଡ଼ାଇବା କାର୍ଯ୍ୟରେ ସାମିଲ ହୋଇଛନ୍ତି। ଏହି ହାତୀଟି ଛତିଶଗଡ଼ରୁ ପଦ୍ମପୁର ବନାଞ୍ଚଳକୁ ପ୍ରଥମେ ପହଞ୍ଚିଥିଲା। ଗତ ୨୦ ଦିନ ତଳେ ହରିଶଙ୍କର ବନାଞ୍ଚଳକୁ ଆସି ଏହାର ଆଭ୍ୟନ୍ତରୀଣ ଅଞ୍ଚଳରେ ବୁଲାବୁଲି କରୁଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କଠାରୁ ଜାଣିବାକୁ ମିଳିଛି। ଖପ୍ରାଖୋଲ ବ୍ଲକ ଅଞ୍ଚଳକୁ ପୂର୍ବରୁ ଏକାଧିକବାର ହାତୀ ଆସିଥିଲେ ମଧ୍ୟ ଖପ୍ରାଖୋଲ ବ୍ଲକ ସଦରମହକୁମା ଅଞ୍ଚଳରେ ପ୍ରଥମଥରପାଇଁ ଦନ୍ତାହାତୀକୁ ଦେଖିବାକୁ ମିଳିଛି।

# ଜାଡ଼ରେ ଥରୁଛି ସୁବର୍ଣ୍ଣପୁର

**ସୋନପୁର, ୧୬।୧୨(ସମିସ):** ତିନିଦିନ ହେଲା ମନ୍ଦିରମାଳିନୀ ସହର ସୁବର୍ଣ୍ଣପୁର ହାଡ଼ଭଙ୍ଗା ଶୀତରେ ଥରୁଛି। ପ୍ରବଳ ଥଣ୍ଡା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଉଛି। ଶୁକ୍ରବାର ରାତିଠୁ ଶୀତର ରାଜୁତିରେ ଥରହର ହୋଇଯାଉଛନ୍ତି ଜିଲ୍ଲାବାସୀ। ଶନିବାର ଓ ରବିବାର ଶୀତର ପ୍ରକୋପ ଅସହ୍ୟ ହୋଇଯାଇଛି। ଜାଡ଼ମାଡ଼ରେ ସାଧାରଣ ଲୋକଙ୍କୁ ଥରାଇ ଦେଉଛି। ରବିବାର ରାତି ପାରଦ ୧୨ ଡିଗ୍ରୀ ଥିବା ସୂଚନା ମିଳିଛି। ଏଭଳି ଜାଡ଼ରେ କେବଳ ନିଆଁ ହିଁ ଲୋକଙ୍କ ଭରସା ସାଜିଛି। ରାତ୍ରି ବସ୍ ଜଗୁଥିବା ଯାତ୍ରୀମାନେ ବସ୍‌ଷ୍ଟାଣ୍ଡରେ ଅତ୍ୟଧିକ ହଇରାଣ ହେଉଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ କେଉଁଠି ନିଆଁ ଜାଳିଲେ ଯାତ୍ରୀମାନେ ଆସି ଜମା ହୋଇଯାଉଛନ୍ତି। ରାତି ୧୦ଟା ହୋଇଗଲେ ରାସ୍ତାଘାଟ ଶୂନଶାନ ହୋଇଯାଉଛି। ତେବେ ଶୀତ ଅଧିକ ଯୋଗୁଁ ବାସହରାମାନେ ବିଶେଷ ପ୍ରଭାବିତ ହେଉଛନ୍ତି। କେଉଁ ଦୋକାନ ପିଣ୍ଡାରେ ଜାକିଜୁକି ହୋଇ ସାରା ରାତି କଟାଇ ଦେଉଛନ୍ତି। ମହାନଦୀ ପାଣି ବି ଏବେ ବରଫ ଭଳି ଲାଗୁଛି। ସକାଳ ୮ଟାରୁ ୯ଟା ନହେଲେ ଲୋକେ ଘରୁ ପଦାକୁ ବାହାରିବା ପାଇଁ ଇଚ୍ଛା କରୁନାହାନ୍ତି। କୁହୁଡି ଯୋଗୁଁ ସକାଳ ୮ଟା ଯାଏଁ ଚାରିଆଡ଼େ ଅନ୍ଧାର ଦେଖାଯାଉଛି। ଜଙ୍ଗଲ ଡଙ୍ଗର ଘେରା ସୁବର୍ଣ୍ଣପୁର ଜିଲ୍ଲାରେ ଏବେ ଅସଲ ଶୀତ ଆରମ୍ଭ ହୋଇଛି।



# ଜିଲ୍ଲାପାଳ, ଏସ୍‌ପି ଶୁଣିଲେ ଲୋକଙ୍କ ଆପତ୍ତି ଅଭିଯୋଗ



**ବିନିକା, ୧୬।୧୨(ସମିସ):** ବିନିକା ବ୍ଲକ କାର୍ଯ୍ୟାଳୟରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ଓ ପୁଲିସ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁଙ୍କ ମିଳିତ ଉଦ୍ୟମରେ ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିନିକା ଅଞ୍ଚଳର ଜନସାଧାରଣଙ୍କ ତରଫରୁ ୯୭ଟି ଦରଖାସ୍ତ ପଡ଼ିଥିଲା। ସେଥିରୁ ବ୍ୟକ୍ତିଗତ ଦରଖାସ୍ତ ୮୯ଟି ଓ ସାମୂହିକ ଦରଖାସ୍ତ ୮ଟି ଗ୍ରହଣ କରାଯାଇଥିବା ବେଳେ ମାତ୍ର ୨ଟି ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟ ଦରଖାସ୍ତଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ ମଣ୍ଟୁ ଖମାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ସୋନପୁର ଉପଜିଲ୍ଲାପାଳ ସୌମ୍ୟାରୁପା ରଥ, ଜିଲ୍ଲା ଜନ ସ୍ୱାସ୍ଥ୍ୟାଧିକାରୀ ଡା. ପ୍ରଦୀପ ଗୁରୁ, ଅଧୀକ୍ଷଣ ଯନ୍ତ୍ରୀ ପିଡବ୍ଲୁଡି ଇଂ ଦାମୋଦର କୈବର୍ତ୍ତ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ରେବତୀ ସିଂ, ଆରଡବ୍ଲୁଏସଏସ ଅଧିକ୍ଷଣ ଯନ୍ତ୍ରୀ ତପନ ପଧାନ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ, ଡେପୁଟି କଲେକ୍ଟର (ଜରୁରୀ ଶାଖା) କୃଷ୍ଣମୋହନ ସିଂ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ତହସିଲଦାର ବିନିକା ସୀତାରାମ ଭୋଇ ପ୍ରମୁଖ ଯୋଗ ଦେଇଥିଲେ।

# ଜନଶୁଣାଣିରେ ଅଧିକାରୀଙ୍କୁ ତାଗିଦ ସହ ପରାମର୍ଶ

**୫୧ ବ୍ୟକ୍ତିଗତ, ୮ ସାମୂହିକ ସମସ୍ୟା ଉପରେ ଅଭିଯୋଗ**

**୩୨ ଅଭିଯୋଗର ତତ୍କାଳ ସମାଧାନ, ୧୦ ଜଣଙ୍କୁ ଭତ୍ତା ପ୍ରଦାନ**

**ପୋର୍ଟାଲରେ ଆସୁଥିବା ଅଭିଯୋଗର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ**

**ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କ ହୁକୁମ**



**ବୌଦ୍ଧ, ୧୬।୧୨(ସମିସ):** ମୁରୁଶୁଣ୍ଡିସ୍ଥିତ ବୌଦ୍ଧ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଏସ୍‌ପି ଯୁଗ୍ମ ଜନଶୁଣାଣି ସହିତ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମୁଦାୟ ୫୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥି ମଧ୍ୟରୁ ୫୧ଟି ବ୍ୟକ୍ତିଗତ ଏବଂ ୮ଟି ସାମୂହିକ ତଥା ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା। ସେଥିମଧ୍ୟରୁ ୩୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜନଶୁଣାଣିରେ ଜିଲ୍ଲାପାଳ ୮ ଜଣଙ୍କୁ କମ୍ବଳ ଓ ୧୦ ଜଣଙ୍କୁ ଭତ୍ତା ପ୍ରଦାନ କରିଥିଲେ। ତେବେ ସମସ୍ତ ଅଧିକାରୀ ନିଜର ବ୍ୟବହାର ଓ ଲୋକମାନଙ୍କ ପ୍ରତି ରହିଥିବା ମାନସିକତାରେ ପରିବର୍ତ୍ତନ ଆଣି ସାଧାରଣ ଲୋକଙ୍କ ନିକଟରେ ପହଞ୍ଚି ଉଚିତ ନ୍ୟାୟ ପ୍ରଦାନ ଓ ଉତ୍ତମ ସେବା ପ୍ରଦାନ କରିବାକୁ ଜିଲ୍ଲାପାଳ ସୁବ୍ରତ ପଣ୍ଡା ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଜନଶୁଣାଣି ପୋର୍ଟାଲରେ ଆସୁଥିବା ଅଭିଯୋଗଗୁଡିକର ତୁରନ୍ତ ସମାଧାନ ପାଇଁ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଜନଶୁଣାଣିରେ ଜିଲ୍ଲାପାଳ, ଏସ୍‌ପି ନାଗରାଜ ଦେୱରକୋଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ବିଡିଓ ଯୁଧିଷ୍ଠିର ମେହେର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜୟକୃଷ୍ଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ଶିବିରକୁ ଡା. ଶର୍ମିଷ୍ଠା ବାଘ, ଡା. ଚମରୁ ବାଙ୍ଗସିଙ୍ଗ, ସୋନାଲିକା ଗାଇଗୌରିଆ ଓ ନର୍ମଦା ନାଏକ ପରିଚାଳନା କରିଥିଲେ।

# ବିଧାୟକଙ୍କୁ ଭେଟିଲେ ଗଛ ସାର୍



**ହରଭଙ୍ଗା, ୧୬।୧୨(ସମିସ):** ଗଛ ସାର୍ ଭାବେ ପରିଚିତ ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁ ସୋମବାର ବୌଦ୍ଧ ବିଧାୟକ ସରୋଜ ପ୍ରଧାନଙ୍କୁ ସାକ୍ଷାତ କରିଛନ୍ତି। ଜୈବ ବିବିଧତା ସଂରକ୍ଷଣ ତଥା ଗଛକୁ ଭଲ ପାଇବା ଦିଗରେ ଗଛ ସାର୍ ବିଧାୟକଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାରେ କିପରି ଅଧିକରୁ ଅଧିକ ଚାରା ରୋପଣ କରାଯିବ ଏବଂ ସେଗୁଡ଼ିକୁ ବଡ଼ କରିବା ଲାଗି ଯତ୍ନ ନିଆଯାଇପାରିବ ସେ ଉପରେ ଧ୍ୟାନ ଦେବାକୁ ଗଛ ସାର୍ ବିଧାୟକଙ୍କୁ ଅନୁରୋଧ କରିବା ସହ ପରାମର୍ଶ ଦେଇଥିଲେ।

# ଦେବୀ ସତୀକନ୍ୟାଙ୍କ ପବିତ୍ର ଚୁଡ଼ାଖାଇ ଯାତ୍ରା ସମ୍ପନ୍ନ

**ବୌଦ୍ଧ, ୧୬।୧୨(ସମିସ):** ମହାନଦୀ ଗର୍ଭରେ ଅବସ୍ଥିତ ବୌଦ୍ଧ ଜିଲ୍ଲା ସଦର ମହକୁମା ମର୍ଜାକୁଦ ଦ୍ୱୀପାଞ୍ଚଳରେ ଆନନ୍ଦ ଉଲ୍ଲାସର ସହିତ ଦେବୀ ସତୀକନ୍ୟାଙ୍କ ଚୂଡାଖାଇ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମରେ ଦେବୀଙ୍କ ଚୂଡାଖାଇ ଯାତ୍ରା ସମ୍ପନ୍ନ ହୋଇଛି। ଦେବୀଙ୍କ ଦେହୁରୀ ଓ ଗଡ଼ତିଆଙ୍କ ବାସଗୃହରୁ ହଜାର ହଜାର ମହିଳାଙ୍କ ଗହଣରେ ଢୋଲ, ମହୁରୀର ତାଳେ ତାଳେ ଦେବୀଙ୍କ ପୀଠର ସ୍ୱତନ୍ତ୍ର ଭାର ପହଞ୍ଚି ଥିଲା। ଏହି ଶୋଭାଯାତ୍ରା ସମୟରେ ମହିଳାମାନେ ଦେବୀଙ୍କ ପୀଠରେ ଥିବା ୭ଟି ପବିତ୍ର ଗୋଲାକାର ପଥରକୁ ମୁଣ୍ଡରେ ବୋହି ମାନିସିକ ପୂରଣ ପାଇଁ ପ୍ରାର୍ଥନା କରିଥିଲେ। ଏଭଳି ବିରଳ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଦ୍ୱୀପ ଗ୍ରାମ ମର୍ଜାକୁଦରେ ପହଞ୍ଚି ଥିଲେ।

**ସୁବର୍ଣ୍ଣପୁର ଜିଲ୍ଲାରେ ପରିବହନ ବ୍ୟବସ୍ଥା ବିପର୍ଯ୍ୟସ୍ତ**

# ରାଉରକେଲା ଓ ବ୍ରହ୍ମପୁରକୁ ବସ୍ ଚଳାଚଳ ଦାବି



**ସୋନପୁର, ୧୬।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଘୋଷଣା ହେବାର ୩୧ ବର୍ଷ ପରେ ମଧ୍ୟ ପରିବହନ ବ୍ୟବସ୍ଥା ସୁଧୁରି ପାରିନି ବୋଲି ଜନଅସନ୍ତୋଷ ଦେଖାଯାଉଛି। ବିପର୍ଯ୍ୟସ୍ତ ପରିବହନ ବ୍ୟବସ୍ଥାକୁ ନେଇ ବିଭିନ୍ନ ସମୟରେ ଜନ ଆନ୍ଦୋଳନ ହେଉଥିଲେ ମଧ୍ୟ ତାର କୌଣସି ପ୍ରଭାବ ପଡୁନାହିଁ। ବଲାଙ୍ଗିରରୁ ବିଭକ୍ତ ହୋଇ ୧୯୯୩ରେ ସୁବର୍ଣ୍ଣପୁର ନୂତନ ଜିଲ୍ଲା ଭାବେ ଆତ୍ମପ୍ରକାଶ ପାଇଲା ପରେ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ହେବ ବୋଲି ଆଶା କରାଯାଉଥିଲା। ତେବେ ଫଳ ଏହାର ଓଲଟା ହେଲା। ପୂର୍ବରୁ ସବ୍ ଡିଭିଜନସ୍ତରରେ ସୋନପୁର ବସଷ୍ଟାଣ୍ଡରେ ଆସିଷ୍ଟାଣ୍ଟ ଷ୍ଟେସନ ମାଷ୍ଟର କାର୍ଯ୍ୟାଳୟ ରହିଥିଲା। ଯାହା ଉନ୍ନତମାନ ସରକାରୀ ପରିବହନ ବ୍ୟବସ୍ଥାକୁ ସୂଚିତ କରିଥିଲା। ଜିଲ୍ଲା ଗଠନ ପରେ ସେହି କାର୍ଯ୍ୟାଳୟ ଉଠି ଯାଇଥିଲା। ଏବେ ବି ଜିଲ୍ଲାରୁ ବିଭିନ୍ନ ଅଞ୍ଚଳକୁ ସରକାରୀ ବସ ଚାଲି ପାରିନାହିଁ। ଜିଲ୍ଲା ସଦର ମହକୁମାଠାରୁ ବ୍ରହ୍ମପୁର, କଟକ, ଭୁବନେଶ୍ୱର ଓ ରାଉରକେଲାକୁ ସରକାରୀ ବସ୍ ଚାଲିନାହିଁ। ଅନ୍ୟ ସହରରୁ ସୋନପୁର ଦେଇ ରାଜ୍ୟର ବିଭିନ୍ନ ସ୍ଥାନକୁ ବସ୍ ଚାଲୁଥିଲେ ମଧ୍ୟ ସ୍ଥାନୀୟ ଯାତ୍ରୀମାନଙ୍କୁ ବସର ପଛ ପଟେ ସିଟ୍ ମିଳୁଥିବା ଅଭିଯୋଗ ହେଉଛି। ସୋନପୁର-ହରିଶଙ୍କର, ସୋନପୁର-ନୃସିଂହନାଥ ଏବଂ ସୋନପୁର-କେନ୍ଦୁଝର ତାରିଣୀ ପୀଠକୁ ସରକାରୀ ବସ୍ ଚଳାଇବା ପାଇଁ ଦାବି ହେଉଛି। ଏହା ପର୍ଯ୍ୟଟନର ଅଭିବୃଦ୍ଧିରେ ସହାୟକ ହୁଅନ୍ତା। ପ୍ରତିଦିନ ସକାଳେ ଚାଲୁଥିବା ସୋନପୁର-ସୁନ୍ଦରଗଡ଼ ବସକୁ ରାଉରକେଲା ଯାଏଁ ସମ୍ପ୍ରସାରଣ ପାଇଁ ଦାବି ହେଉଛି। ଏହା ସହ ସୋନପୁର- ଦେବଗଡ଼ ନୂତନ ବସ ଚଳାଚଳ ଉପରେ ରାଜ୍ୟ ପରିବହନ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି। ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ତଥା ବାଣିଜ୍ୟ କେନ୍ଦ୍ର ସମ୍ବଲପୁର ସହ ମନ୍ଦିର ମାଳିନୀ ସୋନପୁର ସହର ମଧ୍ୟରେ ସରକାରୀ ସିଟି ବସ ଚଳାଇବା ପାଇଁ ସବୁଜ ସଙ୍କେତ ମିଳିଥିଲା। ହେଲେ ପରବର୍ତ୍ତୀ ସମୟରେ ଏହା କାର୍ଯ୍ୟକ୍ଷମ ନ ହେବାରୁ ଏହା ସୋନପୁର ପ୍ରତି ଅଣଦେଖା କରାଯାଉଛି ବୋଲି ମତପ୍ରକାଶ ପାଉଛି। ଏହିପରିକି ସନ୍ଧ୍ୟା ୫ଟା ପରେ ସମ୍ବଲପୁରରୁ ସୋନପୁର ଆସିବାକୁ ସରକାରୀ କିମ୍ବା ବେସରକାରୀ କୌଣସି ବସ ବ୍ୟବସ୍ଥା ନାହିଁ। ତେଣୁ ବୁର୍ଲା ଡାକ୍ତରଖାନା କିମ୍ବା ଆରଡିସି ଅଫିସରୁ ଫେରିବା ବେଳେ ଜନସାଧାରଣ ବହୁ ସମସ୍ୟାର ସାମନା କରୁଛନ୍ତି। ଜିଲ୍ଲା ସଦର ମହକୁମାରୁ ବ୍ଲକ ମୁଖ୍ୟାଳୟକୁ ସରକାରୀ ବସ୍ ଗଡ଼ିଲେ ଜନସାଧାରଣ ବେଶ ଉପକୃତ ହୋଇପାରନ୍ତେ। ଜିଲ୍ଲା ସଦର ମହକୁମା ମନ୍ଦିର ମାଳିନୀ ସୋନପୁର ସହରରେ ସର୍ବନିମ୍ନ ସୁବିଧା ଉପଲବ୍ଧ ଥିବା ବସଷ୍ଟାଣ୍ଡଟିଏ ଏଯାଏଁ ନାହିଁ। ଦ୍ୱିତୀୟ ବାରାଣାସୀ କୁହାଯାଉଥିବାର ସୋନପୁରର ବସଷ୍ଟାଣ୍ଡ ଦୁରାବସ୍ଥା ଦେଖି ଯାତ୍ରୀ ଓ ପର୍ଯ୍ୟଟକମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅତି ଶୀଘ୍ର ସୁବର୍ଣ୍ଣପୁରରୁ ରାଜ୍ୟର ଅନ୍ୟ ସ୍ଥାନକୁ ସରକାରୀ ବସ୍ ଚଳାଚଳ ପାଇଁ ଦାବି ହୋଇଛି।

# ଆଜି ମନମୁଣ୍ଡାରେ ମଣ୍ଡି ଉଦ୍‌ଘାଟନ

**ମନମୁଣ୍ଡା/ଶଗଡ଼ା, ୧୬।୧୨(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡାରେ ମଙ୍ଗଳବାର ମଣ୍ଡି ଉଦ୍‌ଘାଟନ ହେବ। ଏ ନେଇ ପ୍ରଶାସନ ପକ୍ଷରୁ ସୋମବାର ପ୍ରସ୍ତୁତି କାର୍ଯ୍ୟ ଉପରେ ତଦାରଖ କରାଯାଇଛି। ଜିଲ୍ଲାପାଳ ସୁବ୍ରତ ପଣ୍ଡା ଏହା ପରିଦର୍ଶନ କରି ସମୀକ୍ଷା କରିଥିଲେ। ଗୋଦାମ ଗୃହ, ଚାଷୀଙ୍କ ବିଶ୍ରାମ ସ୍ଥଳ, ଷ୍ଟଲ୍, ଅଫିସ ଇତ୍ୟାଦି ଜିଲ୍ଲାପାଳ ବୁଲି ଦେଖିଥିଲେ। ସେହିପରି ଧାନ ଓଜନ କରିବା ବ୍ୟବସ୍ଥା, ପିଇବା ପାଇଁ ପାଣି ବ୍ୟବସ୍ଥା, ଅଲୋକିକରଣ ଏବଂ ଚୋରି ରୋକିବାକୁ ସିସି ଟିଭି ବ୍ୟବସ୍ଥା ମଧ୍ୟ ଦେଖିଥିଲେ। ଏହି ସମୟରେ ଉପସ୍ଥିତ ଏଆରସିଏସ ହାଡିବନ୍ଧୁ ମହାକୁଡ, କଣ୍ଟାମାଳ ଏମ୍‌ଆଇ ପଦ୍ମଲୋଚନ ମାଝି, ଏସସିଏସଓ ଦୀପ୍ତିରେଖା ପ୍ରଧାନ, ମନମୁଣ୍ଡା ସେବା ସମବାୟ ସମିତି ସଭାପତି ଗିରିଜା ନନ୍ଦନ ଦାନି, ସମ୍ପାଦକ ମୃତ୍ୟୁଞ୍ଜୟ ହୋତା, ମାର୍କେଟିଂ ଇନ୍‌ଚାର୍ଜ ସୁକୁମାର ପ୍ରଧାନ ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ। ଚାଷୀଙ୍କ କୌଣସି ଅସୁବିଧା ଯେପରି ନ ହେବ ସେ ଉପରେ ଧ୍ୟାନ ଦେବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚାଷୀଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେବାକୁ କହିବା ସହ ମଣ୍ଡିରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଖୋଲିବା ଓ ମାଗଣା ଔଷଧ ପ୍ରଦାନ ଲାଗି ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।



# ‘ସୁଖ ହଜିଗଲା ଅଧାବାଟରେ’ ମଞ୍ଚସ୍ଥ



**ସୁବଳୟା/ ବୀରାମହରାଜପୁର, ୧୬।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରାମହରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ଅଧୀନ ବଡ଼ବରଡ଼ାକଟାରେ ମାହେଶ୍ୱରୀ ନାଟ୍ୟ ସଂସଦ ତରଫରୁ ମାସବ୍ୟାପି ଲକ୍ଷ୍ମୀପୂଜା ଉଦ୍‌ଯାପନୀ ଅବସରରେ ସାମାଜିକ ନାଟକ ‘ସୁଖ ହଜିଗଲା ଅଧାବାଟରେ’ ମଞ୍ଚସ୍ଥ ହୋଇଯାଇଛି। ୧୯୮୪ ମସିହାରୁ ଆରମ୍ଭ ହୋଇଥିବା ଲକ୍ଷ୍ମୀପୂଜା ଏହି ବର୍ଷ ୪୦ବର୍ଷରେ ପଦାର୍ପଣ କରିଛି। ପୂର୍ବରୁ ଗ୍ରାମର ସୌଖିନ କଳାକାରଙ୍କ ଦ୍ୱାରା ମାର୍ଗଶିର ପ୍ରତି ଗୁରୁବାର ପୌରାଣିକ ନାଟକ ଲକ୍ଷ୍ମୀପୁରାଣ କରାଯାଉଥିଲା। କିଛି ବର୍ଷ ହେବ ସାମାଜିକ ନାଟକ ପରିବେଷଣ କରାଯାଉଛି। ସାଂସ୍କୃତିକ ସଭାରେ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ଲବ ସାହୁ, ସାଂସଦ ପ୍ରତିନିଧି ନଳିନୀ ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ମାହେଶ୍ୱରୀ ନାଟ୍ୟ ସଂସଦ ସଭାପତି ରତନ ନାୟକ ଓ ଉପଦେଷ୍ଟା ଅକ୍ଷୟ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ହିମାଂଶୁ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଆନନ୍ଦ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଦେବବ୍ରତ ପୁରୋହିତ ଓ ନରେଶ ପଧାନଙ୍କ ନିର୍ଦ୍ଦେଶିତ ନାଟକରେ ଅଗସ୍ତି ରଣା, ସୁମନ ବେଲଘରିଆ, ସାନ ଦେହେରି, ବିଦ୍ୟା ଦେହେରି, ସୁନୁ ପୁରୋହିତ ଓ ଅନ୍ୟମାନେ ଅଭିନୟ କରିଥିଲେ।

# ‘ଦେଢ଼କୋଟିର କୋଠା ୯ ମାସରେ ଫାଟି ଆଁ’





**ବୌଦ୍ଧ, ୧୬।୧୨(ସମିସ):** ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ପୂର୍ତ୍ତ ବିଭାଗ ଦ୍ୱାରା ପ୍ରାୟ ଦେଢ଼ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏକ କୋଠା ୯ ମାସରେ ଫାଟି ଆଁ କଲାଣି। କେତେକ ସ୍ଥାନରେ ଚଟାଣ ତଳକୁ ଧସି ଯାଇ ଖାଲ ହୋଇଯାଇଛି। ମହାବିଦ୍ୟାଳୟର ଛାତ୍ରଛାତ୍ରୀ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ କରୁଛନ୍ତି। ସେହିପରି ମହାବିଦ୍ୟାଳୟର କେତେକ ଅଧ୍ୟାପକ ଏବଂ କର୍ମଚାରୀଙ୍କ କହିବା ଅନୁସାରେ କୋଠାରେ ବାଲି ଫିଲିଂ ହେବା ପରିବର୍ତ୍ତେ ମାଟି ଫିଲିଂ ହୋଇଥିବା ଯୋଗୁଁ ଚଟାଣ ଧସି ଯାଉଛି। ତେବେ କୋଠାର ଏପରି ଅବସ୍ଥା ପାଇଁ ବୌଦ୍ଧ ପୂର୍ତ୍ତ ବିଭାଗ ଯନ୍ତ୍ରୀ ପଞ୍ଚାନନ ସାହୁ ଭୌଗୋଳିକ ସ୍ଥିତିକୁ ଦାୟୀ କରିଛନ୍ତି। ଶ୍ରୀ ସାହୁଙ୍କ କହିବା ଅନୁସାରେ ଏହି ଅଞ୍ଚଳରେ ଭୂତଳ ଜଳସ୍ରୋତ ଥିବା ହେତୁ କୋଠାରେ ଚଟାଣ ଧସି ଯାଉଛି। ଯଦି ଯନ୍ତ୍ରୀଙ୍କ କଥାକୁ ବିଶ୍ୱାସ କରାଯାଏ ତେବେ ମହାବିଦ୍ୟାଳୟ ପରିସରରେ ଥିବା ଅନ୍ୟ କୋଠାରେ କିଭଳି ଫାଟ ସୃଷ୍ଟି ହେଉନାହିଁ ଏବଂ ଚଟାଣ ଧସି ଯାଉନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସେହିପରି ଅଞ୍ଚଳର ଭୌଗୋଳିକ ସ୍ଥିତି ସମ୍ପର୍କରେ ଯଦି ପୂର୍ତ୍ତ ବିଭାଗ ଅବଗତ ଥିଲା ତେବେ କୋଠା ପାଇଁ ଉପଯୁକ୍ତ ଭୂତଳ ଜଳସ୍ରୋତ ପ୍ରତିରୋଧୀ ଡିଜାଇନ କାହିଁକି ପ୍ରସ୍ତୁତ କଲା ନାହିଁ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯନ୍ତ୍ରୀ-ଠିକାଦାର ମଧୁଚନ୍ଦ୍ରିକାରେ ନିମ୍ନମାନର ନିର୍ମାଣ କାର୍ଯ୍ୟ ହୋଇଥିବା ଚର୍ଚ୍ଚା ହେଉଥିବା ବେଳେ କୋଠାର ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏବେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ପାଇ ପୂର୍ତ୍ତ ବିଭାଗ ଅବଶ୍ୟ କୋଠା ମରାମତି କାର୍ଯ୍ୟ କରୁଛି।



# ୨ କୁଇଣ୍ଟାଲ ୫୦ କେଜି ଗଞ୍ଜେଇ ଜବତ

**ଶଗଡ଼ା/ମନମୁଣ୍ଡା, ୧୬।୧୨:(ସମିସ):** ମନମୁଣ୍ଡା ଥାନା ଶଗଡ଼ା ଫାଣ୍ଡି ଅଧୀନ ମାଝିପଡ଼ା ଗ୍ରାମ ନିକଟରେ ପୁଲିସ ୨ କୁଇଣ୍ଟାଲ ୫୦ କେଜି ଗଞ୍ଜେଇ ଜବତ କରିଛି। ଏହି ଗଞ୍ଜେଇ ଚୋରା ଚାଲାଣ ପାଇଁ ପ୍ରସ୍ତୁତି ଚାଲି ଥିବା ବେଳେ ଖବର ପାଇ ପୁଲିସ ଚଢଉ କରିଥିଲା। ତେବେ ଘଟଣାସ୍ଥଳରୁ ପୁଲିସ ଫେରାର ମାରିଥିଲେ। ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଘୁଲୁଘୁଲାପଦର ନାମଯଜ୍ଞ ଉଦ୍‌ଯାପିତ

**ପଲଶାଗୋରା, ୧୬।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ଘୁଲୁଘୁଲାପଦର ଗ୍ରାମରେ ତିନିଦିନ ଧରି ଚାଲିଥିବା ନାମଯଜ୍ଞ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଷୋହଳ ପ୍ରହର ନାମଯଜ୍ଞରେ ମୋଟ ୧୮ଟି ସଂକୀର୍ତ୍ତନ୍ୟ ଦଳ ଯୋଗ ଦେଇଥିଲେ। ଶେଷରେ କନବାର ସଂକୀର୍ତ୍ତନ୍ୟ ଦଳର ଗାୟିକା ବର୍ଷା ବେହେରା ଓ କୁମେଲସିଂହାର ଗାୟିକା ନିକିତା ସିଂଙ୍କ ମଧ୍ୟରେ ବୈଠକି ହୋଇଥିଲା।

# ଆମକୁ ‘କନ୍ଧଗଉଡ଼’ ଜାତି ପ୍ରମାଣପତ୍ର ଦିଆଯାଉ

**ହରଭଙ୍ଗା, ୧୬।୧୨(ସମିସ):** ଆମକୁ ତଅଁଳା ଗଉଡ଼ ଜମିପଟା ପରିବର୍ତ୍ତେ କନ୍ଧଗଉଡ଼ ଆଦିବାସୀ ପ୍ରମାଣ ପତ୍ର ଦିଆଯାଉ। ଏଭଳି ଦାବି ନେଇ ସୋମବାର କନ୍ଧ ଗଉଡ଼ ସମାଜ ସେବା ସମିତି ବୌଦ୍ଧ ଜିଲ୍ଲା ପକ୍ଷରୁ ହରଭଙ୍ଗା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବୌଦ୍ଧ ଓ କନ୍ଧମାଳ ଜିଲ୍ଲାରେ ବାସ କରୁଥିବା ଆଦିବାସୀ କନ୍ଧ ଗଉଡ଼ ସମ୍ପ୍ରଦାୟର ଜାତି ସମସ୍ୟାରେ ତ୍ରୁଟି ରହିଛି। ଏ ନେଇ ଆଦିବାସୀ ଓ ହରିଜନ ଉନ୍ନୟନ ବିଭାଗ ପାଖରେ ଅନେକ ଥର ଆପତ୍ତି କରାଯାଇଛି। ପୂର୍ବରୁ କନ୍ଧ ଗଉଡ଼ର ଅନ୍ୟ ନାମ ତଅଁଳା ଗଉଡ଼ରେ ପ୍ରମାଣିତ ହୋଇ ଜାତି ସମାଜରେ ପ୍ରଚଳିତ ହୋଇ ଆସୁଥିଲା। ତେଣୁ ତଅଁଳା ଗଉଡ଼ ଓ କନ୍ଧ ଗଉଡ଼ ନାମକୁ ଯାଞ୍ଚ କରାଯାଉ। ତୁରନ୍ତ ତଦନ୍ତ କରି ତଅଁଳା ଗଉଡ଼ ଜମିପଟା ଦ୍ୱାରା ଆଦିବାସୀ କନ୍ଧଗଉଡ଼ ପ୍ରମାଣ ପତ୍ର ସାର୍ଟିଫିକେଟ ପ୍ରଦାନ କରାଯିବାକୁ ତହସିଲଦାରଙ୍କ ନିକଟରେ ଦାବି କରାଯାଇଛି। ଏହି ଦାବି ସମୟରେ ସଭାପତି ସୁଷମା ମାଝୀ, ସମ୍ପାଦକ ପ୍ରଭାତ ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ସନ୍ତୋଷ ଭୋଇ, ମାଳତୀ ପ୍ରଧାନ, ଅପସରି ପ୍ରଧାନ, ସଂକୀର୍ତ୍ତନ ପ୍ରଧାନ, ବିଶ୍ୱନାଥ ପ୍ରଧାନ ପ୍ରମୁଖ ସମାଜର ଶତାଧିକ ପୁରୁଷ, ମହିଳା ଉପସ୍ଥିତ ଥôଲେ।





ବୌଦ୍ଧର ମା' ଭୈରବୀ ପଡ଼ିଆରେ ଶ୍ରୀ ଶ୍ରୀ ମଦନମୋହନ ନାଟ୍ୟକଳା ପରିଷଦ ପକ୍ଷରୁ ଧନୁଯାତ୍ରା ନାଟ୍ୟ ଉତ୍ସବର ଷଷ୍ଠ ସନ୍ଧ୍ୟାରେ ମଞ୍ଚସ୍ଥ ନାଟକ 'ରାଇ ମାନଭଞ୍ଜନ'



କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡାର ଶ୍ୟାମସୁନ୍ଦର ଅଗ୍ରୱାଲ ବିଭିନ୍ନ ଗାଁରେ ଅସହାୟ, ଦିବ୍ୟାଙ୍ଗ, ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ଓ ସ୍ୱେଟର ବଣ୍ଟନ କରୁଛନ୍ତି

## ଭୁଲ୍ ମାଗିବା ସତ୍ତ୍ୱେ ଯୁବକଙ୍କୁ ଛୁରାମାଡ଼

ବୌଦ୍ଧ, ୧୬ ।୧୨(ସମିସ): ମର୍ଜାକୁଦ ଚୁଡାଖାଇ ଯାତ୍ରାରେ ଛୁରାମାଡ଼ ଯୋଗୁଁ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଏହି ଯୁବକ ଜଣକ ହେଲେ ବାଉଁଶୁଣୀ ଟିକରାପଡ଼ା ଗ୍ରାମର ସୁବଳ ମେହେର। ସେ ତାଙ୍କ ସାଙ୍ଗମାନଙ୍କ ସହ ବୌଦ୍ଧ ସହର ମର୍ଜାକୁଦକୁ ଚୁଡାଖାଇ ଯାତ୍ରା ଦେଖିବାକୁ ଆସିଥିଲେ। ଯାତ୍ରା ସମୟରେ ଗହଳି ମଧ୍ୟରେ ମର୍ଜାକୁଦର ଦିଗଲ ମେହେରଙ୍କ ପାଦକୁ ଅଜାଣତରେ ମାଡି ଦେଇଥିଲେ। ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସୁବଳ ଭୁଲ୍ ମାଗିଥିଲେ। ତେବେ ଘଟଣାର କିଛି ସମୟ ପରେ ସୁବଳ ଘରକୁ ଫେରୁଥିବା ସମୟରେ ତାଙ୍କୁ ଅଟକାଇ ଦିଗଲ ଛୁରା ମାଡ଼ କରିଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ସୁବଳଙ୍କୁ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପର୍ଣ୍ଣ ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ସୁବଳଙ୍କ ଭାଇ ଗୋପାଳ ମେହେର ବୌଦ୍ଧ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ତଦନ୍ତ କରୁଛି।

## କଲେଜ ଛାତ୍ରଙ୍କ ଗଳିତ ମୃତଦେହ ଉଦ୍ଧାର

ଭବାନୀପାଟଣା, ୧୬ ।୧୨(ସମିସ): ଭବାନୀପାଟଣା ସହର ଉପକଣ୍ଠ ଭଙ୍ଗାବାରି-କାମଠଣା ରାସ୍ତାର ଡମ୍ପିୟାର୍ଡ ନିକଟରୁ ଜଣେ କଲେଜ ଛାତ୍ରଙ୍କ ଗଳିତ ମୃତଦେହ ଠାବ ହୋଇଛି। ଭବାନୀପାଟଣା ସଦର ଥାନା ପୁଲିସ ଓ ନବରଙ୍ଗପୁର ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛି। ମୃତଦେହ ନିକଟରୁ ଏକ ସାଇକଲ ଓ କଲେଜ ବ୍ୟାଗ ମିଳିଛି; ଯାହାକି ଭବାନୀପାଟଣା ପଲିଟେକନିକ କଲେଜର ଜଣେ ଡିପ୍ଲୋମା ଛାତ୍ର ବୋଲି ଜଣାପଡ଼ିଛି। ତବେ ତାଙ୍କ ପରିଚୟ ଜଣାପଡ଼ିନି। ସେ ଏଠାକୁ କେମିତି ଆସିଲେ ଓ କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଛି ତାହା ଅସ୍ପଷ୍ଟ ରହିଛି। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ହରି ସିଂହ ମାଝୀଙ୍କ ଉପସ୍ଥିତିରେ ସ୍ଥାନୀୟ ପୁଲିସ ମୃତଦେହ ଉଦ୍ଧାର କରିଥିଲା। ତେବେ ଚିହ୍ନଟ ପାଇଁ ମୃତଦେହକୁ ୭୨ ଘଣ୍ଟା ପାଇଁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବ୍ୟବଚ୍ଛେଦ ଗୃହରେ ରଖାଯାଇଛି। ଏ ନେଇଁ ଭବାନୀପାଟଣା ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ମନମୋହୁଛି ଗଡ଼ଜାତ ଲୋକ ମହୋତ୍ସବ

ହରଭଙ୍ଗା, ୧୬ ।୧୨(ସମିସ): ଐତିହ୍ୟ, ସଂସ୍କୃତି, ପରମ୍ପରା, ଲୋକ ନୃତ୍ୟ, ଲୋକ ବାଦ୍ୟ ଓ ସଙ୍ଗୀତର ମହା ସମନ୍ୱୟ ବୌଦ୍ଧ ଗଡ଼ଜାତର ରାଜ୍ୟସ୍ତରୀୟ ଅଷ୍ଟମ ଗଡ଼ଜାତ ଲୋକ ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳା ସୋମବାର ଦ୍ୱିତୀୟ ସନ୍ଧ୍ୟାରେ ପହଞ୍ଚିଛି। ଗଡ଼ଜାତ ସାଂସ୍କୃତିକ କଳାପରିଷଦ ଦ୍ୱାରା ଆୟୋଜିତ ସାଧୁ ଚରଣ ଉଚ୍ଚ ବିଦ୍ୟାଳୟରେ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ବୌଦ୍ଧ ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ପାଖରେ ସନ୍ଧ୍ୟା ଆଳତି ପରେ ନିମନ୍ତ୍ରିତ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। କମିଟି ସମ୍ପାଦକ ଦେବାଶିଷ ମହାକୁଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ବୌଦ୍ଧ ଡିଏଫଓ ଦେବପ୍ରିୟ କମ୍ପ, ଉମା ଶଙ୍କର ପାଢ଼ୀ, ଅଶୋକ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଞ୍ଚଳର ସ୍କୁଲ କଲେଜର ଛାତ୍ରଛାତ୍ରୀ, ଆଞ୍ଚଳିକ କଳା ସଂସ୍କୃତି, ଲୋକନୃତ୍ୟ ସହିତ ସମ୍ବଲପୁରୀ ମେଲୋଡି ଗାୟକ ରାଜୁ ନନ୍ଦ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ସେହିଭଳି ବାଉଁଶୁଣୀ କଳାପରିଷଦର କଳାକାରଙ୍କ ନୃତ୍ୟଗୀତକୁ ଦର୍ଶକ ମନଭରି ଉପଭୋଗ କରିଥିଲେ।

## ସହକର୍ମୀଙ୍କ ସହ ଜିଲ୍ଲାପାଳଙ୍କ ଯୋଗାଭ୍ୟାସ

ଭବାନୀପାଟଣା, ୧୬ ।୧୨(ସମିସ): ଯୋଗ ଅଭ୍ୟାସ ଦ୍ୱାରା ଶରୀର ଏବଂ ମନ ସୁସ୍ଥ ରହେ। ଏହାକୁ ଉପଲବ୍ଧି କରି ଏବଂ ବରିଷ୍ଠ ନାଗରିକ ସଂଘର ଅନୁରୋଧ ରକ୍ଷାକରି ଜିଲ୍ଲାପାଳ ସଚିନ ପାୱାରଙ୍କ ନିର୍ଦ୍ଦେଶ କ୍ରମେ ମାସକୁ ଦୁଇ ଦିନ (ପ୍ରତି ମାସର ୧ ଏବଂ ୧୬ ତାରିଖ) ଭବାନୀପାଟଣାର ସମସ୍ତ ଅଧିକାରୀ ଏବଂ କର୍ମଚାରୀ କଲେକ୍ଟରିଏଟରେ ପତଞ୍ଜଳି ଯୋଗ ସମିତିର ତତ୍ତ୍ୱାବଧାନରେ ଯୋଗ ଅଭ୍ୟାସ କରିବେ। ଏହି କ୍ରମରେ ସୋମବାର ଜିଲ୍ଲାପାଳ ପ୍ରଦୀପ ପ୍ରଜ୍ୱଳନ କରି ଯୋଗାଭ୍ୟାସର ଶୁଭାରମ୍ଭ କରିଥିଲେ। ଯୋଗଗୁରୁ ଅଶୋକ ମୁଣ୍ଡଙ୍କ ତତ୍ତ୍ୱାବଧାନରେ ଯୋଗ ଅଭ୍ୟାସ ଆରମ୍ଭ ହୋଇଥିଲା। ଏହି ଯୋଗାଭ୍ୟାସ ପାଇଁ ନୋଡାଲ ଅଫିସର ଭାବେ ନିୟୋଜିତ ଡ. ନିହାରେନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଯୋଗାଭ୍ୟାସ ପରିଚାଳିତ ହୋଇଥିଲା। ଜିଲ୍ଲାପାଳଙ୍କ ସହ ବିଭିନ୍ନ ଅଧିକାରୀ, କର୍ମଚାରୀ ଏବଂ ବରିଷ୍ଠ ନାଗରିକ ସଂଘର ବହୁ ସଦସ୍ୟ ଏହି ଯୋଗ ଅଭ୍ୟାସରେ ସାମିଲ ହୋଇଥିଲେ।



### ଦୁର୍ଘଟଣାରେ ୬ ବର୍ଷ ଶିଶୁର ମୃତ୍ୟୁ ଘଟଣା

# ୨୪ ଘଣ୍ଟା ପରେ ଉଠିଲା ଶବ

କୋକସରା, ୧୬ ।୧୨(ସମିସ):



କୋକସରା ଥାନା ଉହାଗାଁ ନିକଟରେ ଅଜଣା ହାଇୱା ଧକ୍କାରେ ସାଗବାହିଲି ଗ୍ରାମର ହୃଷିକେଶ ନାଏକଙ୍କ ୬ବର୍ଷର ଶିଶୁ ପୁତ୍ର କ୍ଷୀରୋଦଙ୍କ ମୃତ୍ୟୁ ଘଟିଛି। ହୃଷିକେଶ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣାରେ ମୃତକଙ୍କ ପରିବାର ଓ ରାଜମିସ୍ତ୍ରୀ ସଂଘ ପକ୍ଷରୁ କ୍ଷତିପୂରଣ ଦାବିରେ ରବିବାର ସନ୍ଧ୍ୟାରୁ ଉହଗାଁ ହାଇସ୍କୁଲ ନିକଟରେ ଶବ ରଖି ରାସ୍ତା ଅବରୋଧ କରାଯାଇଥିଲା। ରାଜମିସ୍ତ୍ରୀ ସଂଘ, ବରିଷ୍ଠ କଂଗ୍ରେସ ନେତା ଦିଗାମ୍ବର ଦୁରିଆ, ବିଜେଡ଼ି ନେତା ପିଣ୍ଟୁ ତିୱାରୀ ପ୍ରମୁଖ ରାସ୍ତା ଅବରୋଧରେ ସାମିଲ ହୋଇଥିଲେ। ସହାୟତା ପ୍ରଦାନ ସହ ଗୁରୁତର ହୃଷୀକେଶଙ୍କ ଚିକିତ୍ସା ସହାୟତା ଦାବି କରି ସମସ୍ତେ ରାସ୍ତାରେ ବସିଥିଲେ। କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, କୋକସରା ଥାନା ଅଧିକାରିଣୀ ସିଗ୍ମାରାଣୀ ସୁନା, ଅନିଲ ପାଢ଼ୀ, ମୋଟେର ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ ପହଞ୍ଚି ବୁଝାସୁଝା କରିଥିଲେ। ସେମାନେ କିନ୍ତୁ ଜିଦରେ ଅଟଳ ରହିଥିଲେ। ଶେଷରେ କୋକସରା ପଞ୍ଚାୟତ ସମିତି ଉପାଧକ୍ଷ ରାଜୀବ ଅଗ୍ରୱାଲ ହଞ୍ଚି ବୁଝାସୁଝା କରିଥିଲେ। ନିଜ ଆଡୁ ସେ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଗାଡ଼ି ମାଲିକଙ୍କ ପକ୍ଷରୁ ୧ ଲକ୍ଷ ୫୦ ହଜାର ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଛି। ତେବେ ରେଡ୍ କ୍ରସ୍ ପାଣ୍ଠିରୁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ସରକାରୀ ହିସାବରେ ଯାହା ସହାୟତା ବ୍ୟବସ୍ଥା ରହିଛି ଯୋଗାଇ ଦେବା ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଛି। ଶେଷରେ ୨୪ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା।

### ● ରୁଦ୍ର ପ୍ରସାଦ ସାହୁ ମେମୋରିଆଲ ଜୁନାଗଡ଼ କପ୍

## ଜୟପୁରକୁ ହରାଇ ବରଗଡ଼ ବିଜୟୀ

ଜୁନାଗଡ଼, ୧୬ ।୧୨(ସମିସ): ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ୪ ଦିନ ଧରି ରୁଦ୍ର ପ୍ରସାଦ ସାହୁ ମେମୋରିଆଲ ଜୁନାଗଡ଼ କପ୍ କ୍ରିକେଟ ଖେଳ ଚାଲିଛି। ସୋମବାର ଚତୁର୍ଥ ଦିନରେ ଜୟପୁର ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବରଗଡ଼ ବ୍ୟାଟିଂ କରି ୨୭ଓଭର ୪ବଲ୍‌ରେ ୧୨୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଜୟପୁର ୨୯ ଓଭର ୩ ବଲ୍‌ରେ ସମସ୍ତ ଉଇକେଟ ହରାଇ ମାତ୍ର ୧୧୫ ରନ୍ କରି ୬ରନ୍‌ରେ ପରାଜିତ ହୋଇଥିଲା। ବରଗଡ଼ର ସନ୍ଦେଶ ପୂଝରୀ ମ୍ୟାନ୍ ଅଫ ଦି ମ୍ୟାଚ ପାଇଥିଲେ। ନିୟୁ ରେଡ୍‌ଷ୍ଟାର ସ୍ପୋର୍ଟ୍ସ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଜାରିଙ୍ଗ ଇଣ୍ଡିଆନ ପଟାସ ଲିମିଟେଡ଼ ପ୍ରକଳ୍ପ ମୁଖ୍ୟ ଦୁର୍ଗାପ୍ରସାଦ ଦ୍ୱିବେଦୀ, ମା' ଲଙ୍କେଶ୍ୱରୀ ଗ୍ରୁପ ମୁଖ୍ୟ ସନ୍ତୋଷ ସାହୁ, ସାମ୍ବାଦିକ ସୁନ୍ଦରମୋହନ ଛତ୍ରୀୟା, ଜୟନ୍ତ ସାହୁ, ନବୀନ ସାହୁ, ବରିଷ୍ଠ ନାଗରିକ ଶଶୀଧର ପଣ୍ଡା ଓ ଅଶୋକ ହୋତା ଅତିଥି ଭାବେ ଯୋଗ ଦେଇଥିଲେ। ବିପ୍ଳବ ସିଂ ଓ ଦିପେନ ସାହୁ ଖେଳ ପରିଚାଳନା କରିଥିଲେ। ନୀତିଶ ମହାପାତ୍ର, ସୁଖବିନ୍ଦର ସିଂ ଓ ସନ୍ତୋଷ ପୃଷ୍ଟି ଧାରାବିବରଣୀ ଦେଇଥିଲେ। ମୁକେଶ ପୋଡ଼ ସ୍କୋରର ଦାୟିତ୍ୱ ନେଇଥିଲେ। ହାସୀମ ଖାନ ଅନଲାଇନ ସ୍କୋର ଦାୟିତ୍ୱ ନେଇଥିଲେ। କ୍ଲବ୍ ସଭାପତି ହିମାଂଶୁ ଶେଖର ବରାଡ଼, ଉପ ସଭାପତି ସରୋଜ ପଣ୍ଡା, ସମ୍ପାଦକ କାଳିନ୍ଦୀ ପାଣିଗ୍ରାହୀ, ଅର୍ଗାନାଇଜ ସମ୍ପାଦକ ମାନସ ସାହୁ, ସହ ସମ୍ପାଦକ କହ୍ନେଇ ରାହୁଲ, ସୁଶୀଲ ଠାକୁର, କୋଷାଧକ୍ଷ ଦିଲୀପ ପଣ୍ଡା, ତୁଳସୀ ପଟ୍ଟନାୟକ, ରମଣୀ ପଣ୍ଡା, ପପୁ ପଣ୍ଡା, ସୁଜିତ ପଣ୍ଡା, ସରପଞ୍ଚ ଦିବ୍ୟ ଦୀପ, ଦୀପକ ସାହୁ ପ୍ରମୁଖ ସହଯୋଗ କରିଥିଲେ। ମଙ୍ଗଳବାର ପ୍ରଥମ ସେମି ଫାଇନାଲ ବରଗଡ଼ ସହ ଜୁନାଗଡ଼ ଏନଆରଏସଏସସି ମଧ୍ୟରେ ଅନୁଷ୍ଠିତ ହେବ।




## ଜିଲ୍ଲାପାଳଙ୍କ ନିର୍ମାଣାଧୀନ ବୌଦ୍ଧ ରେଳ ଷ୍ଟେସନ ପରିଦର୍ଶନ

ବୌଦ୍ଧ, ୧୬ ।୧୨(ସମିସ): ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ କାର୍ଯ୍ୟ ଯୋରସୋରରେ ଚାଲୁଥିବା ବେଳେ ଜିଲ୍ଲାପାଳ ସୁବ୍ରତ ପଣ୍ଡା ନିର୍ମାଣାଧୀନ ବୌଦ୍ଧ ରେଳ ଷ୍ଟେସନ ପରିଦର୍ଶନ କରିଛନ୍ତି। ରେଳ ଷ୍ଟେସନରେ ଫୁଟ ଓଭର ବ୍ରିଜ, ଯାତ୍ରୀ ବିଶ୍ରାମାଗାର, ସାଧାରଣ ଯାତ୍ରୀ ଓ ଭିନ୍ନକ୍ଷମଙ୍କ ପାଇଁ ପ୍ରସ୍ତୁତ ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥା ସହ ଷ୍ଟେସନକୁ ସଂଯୋଗ କରୁଥିବା ରାସ୍ତା କାମ, କର୍ମଚାରୀଙ୍କ କ୍ୱାର୍ଟର ଇତ୍ୟାଦି କାମର ନିରୀକ୍ଷଣ କରିଥିଲେ। ରେଳ ଷ୍ଟେସନ ସାମ୍ନାରେ ଥିବା ସାଗରବନ୍ଧର ସୌନ୍ଦର୍ଯ୍ୟକରଣ, ବୋଟିଂ ବ୍ୟବସ୍ଥା ବିଷୟରେ ଦୃଷ୍ଟି ଦେବାକୁ ଇଷ୍ଟକୋଷ୍ଟ ରେଲୱେ ଆସିଷ୍ଟାଣ୍ଟ ଏକଜିକ୍ୟୁଟିଭ ଇଞ୍ଜିନିୟର ଶିବ ପ୍ରସାଦ ମିଶ୍ରଙ୍କୁ ପରାମର୍ଶ ଦେଇଥିଲେ। ସେହିପରି କାର୍ଯ୍ୟର ମାନ, କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ସହ ଅତିଶୀଘ୍ର କାମ ସାରିବା ପାଇଁ ରେଲୱେ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଡେପୁଟି କଲେକ୍ଟର ଶୁଚିସ୍ମିତା ବେହେରା, ହରଭଙ୍ଗା ତହସିଲଦାର ବିଭୁପ୍ରସାଦ ସିଂ, ବିଡିଓ ଶରତ ସେଠୀ ଉପସ୍ଥିତ ଥିଲେ।



## ସୁବଳୟା ଯୁକ୍ତଦୁଇ କଲେଜର ବାର୍ଷିକ ଉତ୍ସବ



**ସୁବଳୟା, ୧୬।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ସୁବଳୟା ଯୁକ୍ତଦୁଇ କଲେଜର ୩୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମାନବ ଅଧିକାର ଆୟୋଗ ଅଧକ୍ଷ ଶତ୍ରୁଘ୍ନ ପୂଜାହାରୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ମୋବାଇଲରୁ ଦୂରେଇ ରହି ଅଧ୍ୟୟନରେ ସମୟ ଉପଯୋଗୀ କରିବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଜୁ ପଟ୍ଟନାୟକ ମହିଳା ବିଦ୍ୟାଳୟର ଇଂରାଜୀ ଅଧାପକ ମଦନ ସୁନ୍ଦର କ୍ଷେତି ଯୋଗ ଦେଇଥିଲେ। ଅଧକ୍ଷ ଭୋଳାନାଥ କର୍ମୀ ସଭାପତିତ୍ୱ କରିଥିବାବେଳେ ଅଧାପକ ଦେବାଶିଷ ପଧାନ ଅତିଥି ପରିଚୟ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ ସଂସଦର ଉପସଭାପତି ପ୍ରାଧ୍ୟପକ ରମାକାନ୍ତ ପୁରୋହିତ ବାର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କର୍ମଚାରୀଙ୍କ ମଧ୍ୟରେ ହୋଇଥିବା ଦୌଡ଼ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ସଞ୍ଜୟ ମେଣ୍ଡିଲିଙ୍କୁ ପଦକ ପ୍ରଦାନ କରାଯାଇଥିଲା। ୨୦୨୪ ଯୁକ୍ତ ପରୀକ୍ଷାରେ ଟପ୍ପର ହୋଇଥିବା ଲିପ୍ସାରାଣୀ ଖମାରୀଙ୍କୁ ଚେକ୍ ଓ ମାନପତ୍ର ପ୍ରଧାନ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଜ୍ଞାକଳ୍ପିତା ନାଏକ, ମିତା ପଧାନ, ଅର୍ପିତା ନାୟକ, ସୁବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମନଲୋଭା ପିକନିକ୍ ସ୍ଥଳ 'କରକ ଜଳପ୍ରପାତ'

କୋକସରା, ୧୬ ।୧୨(ସମିସ):



ପ୍ରକୃତିର ଅପରୂପ ଶୋଭା ସମ୍ଭାରରେ ବିମଣ୍ଡିତ କଳାହାଣ୍ଡିର ମନଲୋଭା ଦୃଶ୍ୟରାଜି ପର୍ଯ୍ୟଟକଙ୍କ ଚିତ୍ତ ହରଣ କରିଥାଏ। ସୁଉଚ୍ଚ ପାହାଡ଼ ପର୍ବତ, ଘଞ୍ଚ ଅରଣ୍ୟ ପରିବେଷ୍ଟିତ ଏହି ଜିଲ୍ଲାରେ ଅନେକ ପର୍ଯ୍ୟଟନ ସ୍ଥଳ ରହିଛି। ବର୍ଷର ସବୁ ସମୟ, ବିଶେଷ କରି ଶୀତ ଋତୁରେ କଳାହାଣ୍ଡିର କୋଣ ଅନୁକୋଣରେ ଥିବା ପ୍ରକୃତିର ସୁନ୍ଦର ଓ ମନୋଲୋଭା ଛବି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଆସିଛି। ତେବେ ଜିଲ୍ଲାର କୋକସରା ବ୍ଲକ ଆମପାଣିରେ ଥିବା ମନଲୋଭା ପିକନିକ୍ ସ୍ଥଳ 'କରକ' ଜଳପ୍ରପାତ ପ୍ରକୃତିର ଏକ ମହତ୍ତ୍ୱପୂର୍ଣ୍ଣ ଦାନ।

ଏବେ ଶୀତ ଋତୁରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଏହି ସ୍ଥାନକୁ ପିକନିକ୍ ପାର୍ଟିର ଭିଡ଼ ଜମୁଥିବାବେଳେ ପ୍ରକୃତିର ଭରପୁର ମଜା ନେଉଛନ୍ତି ପର୍ଯ୍ୟଟକ। ଆମପାଣିଠାରୁ ପ୍ରାୟ ୩କିମି ଦୂର ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ପାଦଦେଶରେ ଅବସ୍ଥିତ 'କରକ' ଜଳପ୍ରପାତରୁ ବୋହିଯାଉଥିବା ଜଳରାଶି, ଥଣ୍ଡା ପରିବେଶ ଏବଂ ସବୁଜ ବନାନୀ ଘେରା ଏହି ସ୍ଥାନ ପୁଣି ଥରେ ନୂଆବର୍ଷ ଆଗରୁ ପର୍ଯ୍ୟଟକଙ୍କ ପାଇଁ ସଜେଇ ହୋଇ ରହିଛି। ସେଥିପାଇଁ ବର୍ଷର ଅନେକ ସମୟରେ ଭୋଜି କରିବା ପାଇଁ ବହୁ ଦୂରଦୂରାନ୍ତରୁ ଛୁଟି ଆସିଥାନ୍ତି ପର୍ଯ୍ୟଟକ। ଏବେ ପିକନିକ୍ ଋତୁ ଆରମ୍ଭ ହୋଇ ସାରିଛି। ଡିସେମ୍ବର ଆରମ୍ଭରୁ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ପ୍ରକୃତି ରାଣୀର କୋଳରେ କୁଳୁକୁଳୁ ଝରଣାର ନାଦ ଓ ଅପରୂପ ସୌନ୍ଦର୍ଯ୍ୟରେ ମଣ୍ଡିତ ଦୃଶ୍ୟ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ସାଜିଥିବା 'କରକ' ଜଳପ୍ରପାତ ଉପରୁ ଝରିପଡୁଥିବା ଜଳଧାର ଶୀତୁଆ 'ସକାଳ'ର ସୁନେଲି କିରଣରେ ବିଭୋର ହୋଇ ପିକନିକ୍‌ର ମଜା ଉଠାଉଛନ୍ତି ପର୍ଯ୍ୟଟକ।

ଜଳପ୍ରପାତର ଚାରି ଆଡକୁ ଘେରି ରହିଛି ଘଞ୍ଚ ଜଙ୍ଗଲ। ଜଙ୍ଗଲି ପକ୍ଷୀଙ୍କ ମନମତାଣିଆ ଶବ୍ଦ, ଚାରିଆଡ଼େ ବେଷ୍ଟିତ ପାହାଡ଼ର ମନୋରମା ଦୃଶ୍ୟ ସାଙ୍ଗକୁ ଦେଖିବାକୁ ମିଳେ ଅନେକ ଛୋଟ ଛୋଟ ଝରଣାରେ କୁଳୁକୁଳୁ ହୋଇ ବୋହି ଯାଉଥିବା ଜଳରାଶି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ରହିଥିବା ଏହି ସ୍ଥାନରେ ଶୀତ ଦିନେ ପିକନିକ୍ କରିବା ପାଇଁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଛୁଟି ଆସନ୍ତି। ଏହା ବ୍ୟତୀତ ବର୍ଷର ପ୍ରାୟ ସମୟରେ ମଧ୍ୟ ପର୍ଯ୍ୟଟକ ଆସିଥାନ୍ତି; ହେଲେ ଏହି ସ୍ଥାନର ବିଶେଷ କିଛି ବିକାଶ ହୋଇ ନ ଥିବାବେଳେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଓ ଗ୍ରାମ ପଞ୍ଚାୟତ ମନରେଗା ଯୋଜନାରୁ କିଛି ଦୂର ରାସ୍ତାରେ ମାଟି କାମ ହୋଇଛି। ପୂର୍ବ ସରକାରଙ୍କ ସମୟରେ ପ୍ରାୟ ୩୦ ଲକ୍ଷରୁ ଅଧିକ ଅନୁଦାନ ମିଳିଥିବାବେଳେ ଏହାର ଉନ୍ନତି କାର୍ଯ୍ୟ ବନ ବିଭାଗ ହାତକୁ ନେଇଥିଲା। ଗୋଟିଏ ୱାଚ୍ ଟାୱାର ନିର୍ମାଣରେ ସୀମିତ ହୋଇ ରହିଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଆଖି ଦୃଶିଆ ଉନ୍ନତି କାର୍ଯ୍ୟ ହୋଇ ପାରିନାହିଁ। ଏହା ପର୍ଯ୍ୟଟଙ୍କ ମନରେ କ୍ଷୋଭ ପ୍ରକାଶ କରିଛି। ଅନ୍ୟପଟେ ଏହି ସ୍ଥାନଟି ପ୍ରଚାର ପ୍ରସାର ଅଭାବ କାରଣରୁ ଲୋକଲୋଚନକୁ ମଧ ଆସିପାରୁ ନାହିଁ। ରାସ୍ତା ସଂକୀର୍ଣ୍ଣ ଥିବାରୁ ଝରଣା ନିକଟକୁ ଯିବା ପାଇଁ ପ୍ରାୟ ୫ଶହ ମିଟର ପର୍ଯ୍ୟନ୍ତ ଚାଲି ଚାଲି ଯିବାକୁ ପଡୁଛି। ତେଣୁ ରାସ୍ତା ତିଆରି କରିବା ସହ ଯାତ୍ରୀଙ୍କ ପାଇଁ ବିଶ୍ରାମ କକ୍ଷ, ପିଇବା ପାଣି, ଶୌଚାଳୟ ଆଦି ବ୍ୟବସ୍ଥା ହେଲେ ଆହୁରି ପର୍ଯ୍ୟଟକଙ୍କ ଗହଳି ଥିଅନ୍ତା। ବର୍ତ୍ତମାନ ପିକନିକ୍ ଋତୁ ପ୍ରବେଶ କରି ସାରିଛି। ଡିସେମ୍ବରରୁ ଏଠାରେ ପିକନିକ୍ ପାର୍ଟିର ପ୍ରବଳ ସମାଗମ ମଧ୍ୟ ହେବାରେ ଲାଗିଛି। ଏଣୁ 'କରକ' ଜଳପ୍ରପାତକୁ ସରକାର ସ୍ୱତନ୍ତ୍ର ଭାବେ ଦୃଷ୍ଟିଦେଇ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେବା ସହ ଏହାର ଭିତ୍ତିଭୂମି ବିକାଶ ଦିଗରେ ଦୃଷ୍ଟି ଦେବା ଆବଶ୍ୟକ।

